ଧରିତ୍ରୀ
DHARITRI
ଢେଙ୍କାନାଳ, ରବିବାର, ୨୩ ଜୁନ୍, ୨୦୧୯




## ଜନ୍ମଦିନର ଶୁଭେଚ୍ଛା

ନାମ: ...............................
ବୟସ:...............................
ଜନ୍ମ ତାରିଖ: ...........................



ଦେବାଂଶୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବନ୍ଦ ହେବ ୯୬୬ ପ୍ରାଥମିକ ବିଦ୍ୟାଳୟ

- ଛାତ୍ରୀଛାତ୍ରଙ୍କୁ ନିକଟ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ
- ୧ କି.ମି.ରୁ ଅଧିକ ଦୂର ହୋଇଥିଲେ ମିଳିବ ଯାତାୟାତ ଖର୍ଚ୍ଚ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ସ୍କୁଲ୍‌କୁ ପାଠପଢ଼ି ଯିବା ପାଇଁ ରାଜ୍ୟ ସରକାର ପିଲାମାନଙ୍କୁ ଅନେକ ସୁବିଧା ଓ ସୁଯୋଗ ଦେଉଛନ୍ତି। କିନ୍ତୁ କେତେକ ସରକାରୀ ବିଦ୍ୟାଳୟରେ ପିଲାଙ୍କ ସଂଖ୍ୟା ଅତି ନଗଣ୍ୟ ରହିଛି। ତେଣୁ ୧୦ରୁ କମ୍ ଛାତ୍ରୀଛାତ୍ର ଥିବା ୯୬୬ଟି ପ୍ରାଥମିକ ବିଦ୍ୟାଳୟ ଚିହ୍ନଟ କରାଯାଇଛି। ଏସବୁ ବିଦ୍ୟାଳୟକୁ ସବୁଦିନ ପାଇଁ ବନ୍ଦ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ତେବେ ସେହି ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟକୁ ସ୍ଥାନାନ୍ତର କରାଯିବ। ଯଦି ଉକ୍ତ ବିଦ୍ୟାଳୟର ଦୂରତା ୧ କି.ମି.ରୁ ଅଧିକ ହୋଇଥିବ, ତେବେ ସରକାର ପିଲାଙ୍କୁ ବାଟଖର୍ଚ୍ଚ ଦେବେ। ଏ ବାବଦ ଟଙ୍କା ସମ୍ପୃକ୍ତ ପିଲାଙ୍କ ଅଭିଭାବକଙ୍କ ଆକାଉଣ୍ଟକୁ ସିଧା ପଠାଯିବ ବୋଲି ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ଦାସ କହିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁସାରେ, ଉପସ୍ଥାନ ଅନୁସାରେ ହିଁ ଛାତ୍ରୀଛାତ୍ରଙ୍କୁ ବାଟଖର୍ଚ୍ଚ ମିଳିବ। ଯେଉଁ ଛାତ୍ରୀଛାତ୍ରମାନଙ୍କର ବିଦ୍ୟାଳୟରେ ୭୫%ରୁ ଅଧିକ ଉପସ୍ଥାନ ଥିବ, ସେମାନଙ୍କୁ ମାସିକ ୬୦୦ ଟଙ୍କା ହିସାବରେ ଦଶ ମାସକୁ ମୋଟ ୬ ହଜାର ଟଙ୍କା ଦିଆଯିବ। ସେହିଭଳି ଯେଉଁ ଛାତ୍ରୀଛାତ୍ରମାନଙ୍କର ୫୦ରୁ ୭୪% ମଧ୍ୟରେ ଉପସ୍ଥାନ ଥିବ ସେମାନଙ୍କୁ ୪୦୦ ଟଙ୍କା ଓ ୩୦ରୁ ୪୯% ହୋଇଥିଲେ ମାସିକ ୩୦୦ ଟଙ୍କା ମିଳିବ। କିନ୍ତୁ ୩୦ ପ୍ରତିଶତରୁ କମ୍ ଉପସ୍ଥାନ ଥିବା ଛାତ୍ରୀଛାତ୍ରଙ୍କୁ କୌଣସି ଯାତାୟାତ ଖର୍ଚ୍ଚ ମିଳିବ ନାହିଁ। ସେହିଭଳି ବନ୍ଦ ହେବାକୁ ଯାଉଥିବା ସ୍କୁଲ୍‌ର ଶିକ୍ଷୟିତ୍ରୀଶିକ୍ଷକଙ୍କୁ ମଧ୍ୟ ଅନ୍ୟ ବିଦ୍ୟାଳୟଗୁଡ଼ିକୁ ବଦଳି କରାଯିବ। ଶିକ୍ଷକ ଅଭାବ ଥିବା ବିଦ୍ୟାଳୟଗୁଡ଼ିକୁ ସେମାନଙ୍କୁ ବଦଳି କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିଭଳି ଏସବୁ ବିଦ୍ୟାଳୟଗୁଡ଼ିକରେ କାମ କରୁଥିବା ପାଚିକାମାନଙ୍କ ସମ୍ପର୍କରେ ପରବର୍ତ୍ତୀ ସମୟରେ ନିଷ୍ପତ୍ତି ନିଆଯିବ ବୋଲି ମନ୍ତ୍ରୀ ଦାସ କହିଛନ୍ତି।

- ଭୁବନେଶ୍ୱର କାର୍ଯ୍ୟାଳୟରେ ପାସ୍‌ପୋର୍ଟ କେଳେଙ୍କାରି

# ନକଲି ପାସ୍‌ପୋର୍ଟରେ ସୌଦି ପଳାଇଛନ୍ତି ସନ୍ଦିଗ୍ଧ

ଭୁବନେଶ୍ୱର, ୨୨।୬(ବ୍ୟୁରୋ)

ଅସଲି ନମ୍ବରରେ ନକଲି ପାସ୍‌ପୋର୍ଟ। ଭୁବନେଶ୍ୱର ପାସ୍‌ପୋର୍ଟ ଅଫିସରେ ହୋଇଛି ଏଭଳି କେଳେଙ୍କାରି। ଉକ୍ତ ନକଲି ପାସ୍‌ପୋର୍ଟରେ ଉତ୍ତର ପ୍ରଦେଶର ଜଣେ ମୁସଲିମ୍ ବ୍ୟକ୍ତି ସୌଦି ଆରବ ପଳାଇଥିବାବେଳେ ଅସଲ ପାସ୍‌ପୋର୍ଟଧାରୀ ଭୁବନେଶ୍ୱରର ବିମ୍ବାଧର ସାହୁ ରିନ୍ୟୁ ପାଇଁ ବାରମ୍ବାର ପାସ୍‌ପୋର୍ଟ ଅଫିସ୍ ଦୌଡୁଛନ୍ତି। ତାଙ୍କ ପାସ୍‌ପୋର୍ଟ ନମ୍ବରରେ ଅନ୍ୟ ଏକ ପାସ୍‌ପୋର୍ଟ ଇସ୍ୟୁ ହୋଇଛି। ଉକ୍ତ ପାସ୍‌ପୋର୍ଟ ହାତେଇଥିବା ବ୍ୟକ୍ତି ଜଣକ ସୌଦି ଆରବ ଚାଲିଯାଇଛନ୍ତି। ଏ ସଂକ୍ରାନ୍ତରେ ସୌଦି ଦୂତାବାସକୁ ଚିଠି କରାଯାଇଥିଲେ ମଧ୍ୟ କୌଣସି ଉତ୍ତର ଆସି ନ ଥିବା ପାସ୍‌ପୋର୍ଟ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଥିବା ବିମ୍ବାଧର କହିଛନ୍ତି। ଏହି ଘଟଣା ଏବେ ପଦାକୁ ଆସିବା ପରେ ଭୁବନେଶ୍ୱର ଅଫିସରେ ହୋଇଥିବା ପାସ୍‌ପୋର୍ଟ ଜାଲିଆତି ସହ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମ୍‌ଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି।

ମିଳିଥିବା ସୂଚନାନୁସାରେ, ପୁରୁଣା ଭୁବନେଶ୍ୱର ଦୁଲ୍ଲାଦେଇ ରୋଡ୍‌ର ପ୍ଲଟ୍ ନଂ.୨୮ରେ ପରିବାର ସହ ରହୁଛନ୍ତି ବିମ୍ବାଧର ସାହୁ। ବିମ୍ବାଧର ୧୯୮୬ରେ ଅଏଲ ଓଡିଶାରେ ମ୍ୟାନେଜର ଭାବେ ଚାକିରି କରୁଥିଲେ। ସେ ଅଫିସ କାର୍ଯ୍ୟରେ ବିଦେଶ ଯିବାପାଇଁ ଭୁବନେଶ୍ୱର ପାସ୍‌ପୋର୍ସ ଅଫିସରେ ଆବେଦନ କରିବା ପରେ ତାଙ୍କୁ ପାସ୍‌ପୋର୍ଟ (ନଂ-ଭି୩୨୫୩୬୦) ମିଳିଥିଲା। ପରେ ଅଫିସ ପକ୍ଷରୁ ତାଙ୍କର ବିଦେଶ ଯିବା କାର୍ଯ୍ୟକ୍ରମ ବାତିଲ ହୋଇଯାଇଥିଲା। ୧୯୯୧ରେ ସେ ଉକ୍ତ ପାସ୍‌ପୋର୍ଟକୁ ରିନ୍ୟୁ କରିଥିଲେ। ୧୯୯୫ ମୁମ୍ବାଇ ବୋମା ବିସ୍ଫୋରଣ ଘଟଣାରେ ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦଙ୍କ ସମ୍ପୃକ୍ତି ଥିବା ଓ ସେ ଜାଲ୍ ପାସ୍‌ପୋର୍ଟରେ ଦେଶ ବାହାରକୁ ଚାଲିଯାଇଥିବା ଜଣାପଡିଥିଲା। ଏହାପରେ ଦେଶରେ ପାସ୍‌ପୋର୍ଟ କେଳେଙ୍କାରି ପଦାକୁ ଆସିଥିଲା। ସେତେବେଳେ ଭୁବନେଶ୍ୱର ପାସପୋର୍ଟ ଅଫିସରେ ମଧ୍ୟ ବ୍ୟାପକ ଜାଲିଆତି ହୋଇଥିବା ଜଣାପଡିବା ପରେ ଖୋଳତାଡ଼ ଆରମ୍ଭ ହୋଇଥିଲା। ସେହି ସମୟରେ ବିମ୍ବାଧରଙ୍କ ପାସପୋର୍ଟକୁ ଜାଲିଆତି କରି ସମାନ ନମ୍ବରରେ ଉତ୍ତର ପ୍ରଦେଶର ଜଣେ ମୁସଲିମ୍ ବ୍ୟକ୍ତି ପାସ୍‌ପୋର୍ଟ ହାତେଇ ସୌଦି ଆରବ ଚାଲିଯାଇଥିବା ତଦନ୍ତରୁ ଜଣାପଡିଥିଲା। ଏନେଇ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ଜାଣିବା ପରେ ଭୁବନେଶ୍ୱର ସମେତ ଦେଶର ବିଭିନ୍ନ ପାସ୍‌ପୋର୍ଟ କାର୍ଯ୍ୟାଳୟର ଏକାଧିକ ଅଧିକାରୀଙ୍କୁ ନିଲମ୍ବିତ କରାଯାଇଥିଲା। ଏପର୍ଯ୍ୟନ୍ତ ଉକ୍ତ ନକଲି ପାସ୍‌ପୋର୍ଟଧାରୀଙ୍କୁ ଠାବ କରାଯାଇପାରି ନ ଥିବାବେଳେ ବିମ୍ବାଧରଙ୍କ ପାସ୍‌ପୋର୍ଟ ମଧ୍ୟ ରିନ୍ୟୁ ହୋଇପାରୁନି।

ଏ ସମ୍ପର୍କରେ ବିମ୍ବାଧର କୁହନ୍ତି, ପାସ୍‌ପୋର୍ଟ ରିନ୍ୟୁ ହୋଇପାରୁ ନ ଥିବାରୁ ଲଣ୍ଡନରେ ରହୁଥିବା ଝିଅ ପାଖକୁ ଯାଇପାରୁନୁ। ଗତ ମାର୍ଚ୍ଚ ୧୮ରେ ପାସ୍‌ପୋର୍ଟ ରିନ୍ୟୁ ପାଇଁ ପୁଣି ଆବେଦନ କରିଥିଲି। ୧୫ଦିନ ଭିତରେ ସ୍ତ୍ରୀଙ୍କର ପାସ୍‌ପୋର୍ଟ ରିନ୍ୟୁ ହୋଇଥିଲେ ମଧ୍ୟ ତାଙ୍କର ହୋଇପାରିନି। ପାସ୍‌ପୋର୍ଟ କର୍ତ୍ତୃପକ୍ଷଙ୍କ କହିବାନୁସାରେ ଅରିଜିନାଲ ପାସ୍‌ପୋର୍ଟ ନେଇ ଦେଖାଇଥିଲି। ଯାଞ୍ଚ କରାଯିବା ପରେ ସମାନ କଥା କୁହାଯାଉଛି। ତାଙ୍କ ନମ୍ବରରେ ଅନ୍ୟ ଜଣେ ପାସ୍‌ପୋର୍ଟ ନେଇଥିବାରୁ ମାର୍ଚ୍ଚ ୨୯ରେ ସୌଦି ଆରବ ଦୂତାବାସକୁ କର୍ତ୍ତୃପକ୍ଷ ମେଲ୍ କରିଛନ୍ତି। ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ମେଲ୍‌ର କିଛି ଉତ୍ତର ଆସୁନି କି ବିମ୍ବାଧରଙ୍କ ପାସ୍‌ପୋର୍ଟ ରିନ୍ୟୁ ହୋଇପାରୁନି।

- ରାଜ୍ୟ ସଭା ପ୍ରାର୍ଥୀ ଚୟନ

# ପାଟଶାଣୀ ନିରାଶ, ଦାମ କହିଲେ ଡବଲ ଇଞ୍ଜିନ୍

- ଏବେ ବି ଆଶାରେ ରମେଶ
- କଂଗ୍ରେସର ସମାଲୋଚନା
- ଭଲ ପ୍ରାର୍ଥୀଙ୍କୁ ବିଜେଡି ଦେଇଛି ସମର୍ଥନ : ଅରୁଣ

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ବିଧାନସଭାରେ ବିଜେଡିର ସଂଖ୍ୟାଗରିଷ୍ଠତା ଥାଇ ମଧ୍ୟ ଦଳ ୩ଟି ରାଜ୍ୟ ସଭା ଆସନ ହାତେଇଲା ନାହିଁ। କିଛିବର୍ଷ ହେବ ନିଜର ମୁଖ୍ୟ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଥିବା ଭାଜପା ପ୍ରାର୍ଥୀଙ୍କୁ ସମର୍ଥନ କଲା। ଏହି ନିଷ୍ପତ୍ତି ଦ୍ୱାରା ଏକାଧିକ ଆଶାୟୀ ନିରାଶ ହୋଇଛନ୍ତି। ସର୍ବୋପରି ନିର୍ବାଚନ ସମୟରେ ଟିକେଟ୍ ନ ପାଇ ରାଜ୍ୟ ସଭା ଯିବାର ପ୍ରତିଶ୍ରୁତି ପାଇଥିବା ଏକାଧିକ ନେତା ନିରାଶ ହୋଇଛନ୍ତି। ତନ୍ମଧ୍ୟରୁ ପ୍ରସନ୍ନ ପାଟଶାଣୀ ମନସ୍ତାପ କରିଥିବା ବେଳେ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଏବେ ବି ଆଶା ରଖିଛନ୍ତି।

ଭୁବନେଶ୍ୱରର ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟଶାଣୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ରାଜ୍ୟ ସଭା ପ୍ରାର୍ଥୀ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ସ୍ୱାଭାବିକ ଭାବେ ଆଶା ରହିଥିଲା। ସେ ଆଶାର ଏବେ କୌଣସି ମୂଲ୍ୟ ରହିଲା ନାହିଁ। ତେଣୁ ମନଦୁଃଖ ହେବା ସ୍ୱାଭାବିକ। ଅପରପକ୍ଷରେ ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ ଭିନ୍ନ ମତ ରଖିଛନ୍ତି। ସେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ନ ହେଲେ ବି ସେ ନିଶ୍ଚୟ ତାହାକୁ ପୂରଣ କରିବେ ବୋଲି ଆଶା। ଚଳିତ ରାଜ୍ୟ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ସମ୍ପର୍କରେ ଦଳ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ବୋଲି ରମେଶ କହିଛନ୍ତି। ତେବେ କେଉଁ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ନଜର ରଖି ବିଜେଡି ଏପରି ନିଷ୍ପତ୍ତି ନେଇଛି, ତାହା କୌଣସି ବିଜେଡି ନେତା ସ୍ପଷ୍ଟ ଭାବେ କହିପାରିନାହାନ୍ତି। ବିଜେଡି ସିବିଆଇ ଭୟରେ ଭାଜପାକୁ ସମର୍ଥନ କରିଥିବା କଥା କୁହାଯାଉଛି। ହେଲେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଏହାକୁ ଖଣ୍ଡନ କରିଛନ୍ତି। ପ୍ରଫୁଲ୍ଲ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଦଳର ସର୍ବୋଚ୍ଚ କର୍ତ୍ତା। ସେ ଭାବିଚିନ୍ତି ନିଷ୍ପତ୍ତି ନେଇଥିବେ। ରାଜ୍ୟ ସଭା ପ୍ରାର୍ଥୀ ଚୟନ ଏକ ସ୍ୱତନ୍ତ୍ର ପ୍ରସଙ୍ଗ, ଏହାକୁ ଅନ୍ୟ ଘଟଣା ସହ ଯୋଡ଼ା ନ ଯାଉ। ଭାଜପା ଅଥବା ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ କୁହାଯାଉଥିବା ସବୁକଥା ମାନିବାକୁ ବିଜେଡି ବାଧ୍ୟ ନୁହେଁ ବୋଲି ସାମଲ କହିଛନ୍ତି।

ଅପରପକ୍ଷରେ କଂଗ୍ରେସ ପକ୍ଷରୁ ବିଜେଡି-ଭାଜପା ଉଭୟଙ୍କୁ ସମାଲୋଚନା କରାଯାଇଛି। ପିସିସି ଗଣମାଧ୍ୟମ ପ୍ରମୁଖ ସତ୍ୟପ୍ରକାଶ ନାୟକ କହିଛନ୍ତି ଯେ, ବିଜେଡି ଚିଟ୍‌ଫଣ୍ଡ ଦୁର୍ନୀତି, ବ୍ଲାକରୋଜ୍ ଘଟଣା ଭଳି ପ୍ରସଙ୍ଗରେ ସିବିଆଇ ନଜରରେ ରହିଛି। ତେଣୁ ସିବିଆଇ ଭୟ ବିଜେଡିକୁ ଭାଜପା ସମ୍ମୁଖରେ ରାଜନୈତିକ ଭାବେ ଦୁର୍ବଳ କରିଛି। ଯାହା ଏହି ରାଜ୍ୟ ସଭା ଡିଲ୍‌ରୁ ସ୍ପଷ୍ଟ ହୋଇଛି। ଅପରପକ୍ଷରେ ଭାଜପା ପ୍ରଭାରୀ ଅରୁଣ ସିଂ କହିଛନ୍ତି ଯେ, ବିଜେଡି-ଭାଜପା ମଧ୍ୟରେ କୌଣସି ବୁଝାମଣା ନାହିଁ। ଅଶ୍ୱିନୀ ବୈଷ୍ଣବ ଜଣେ ଉତ୍ତମ ପ୍ରାର୍ଥୀ, ତେଣୁ ତାଙ୍କୁ ବିଜେଡି ସମର୍ଥନ ଦେଇଛି। କଂଗ୍ରେସ ବର୍ତ୍ତମାନ ରାଜନୈତିକ ଗୁରୁତ୍ୱ ହରାଇଛି, ତେଣୁ ତାଙ୍କ ଅଭିଯୋଗର କୌଣସି ଗୁରୁତ୍ୱ ନାହିଁ। ହେଲେ ନିର୍ବାଚନ ପୂର୍ବରୁ ବିଜେଡିରୁ ବହିଷ୍କୃତ ହୋଇ ଭାଜପା ଯାଇଥିବା ବରିଷ୍ଠ ନେତା ଦାମୋଦର ରାଉତଙ୍କ ମତ ଚର୍ଚ୍ଚାର କାରଣ ହୋଇଛି। ଦାମୋଦର କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ଭାଜପା ପକ୍ଷରୁ ଡବଲ ଇଞ୍ଜିନ ସ୍ଲୋଗାନ ଦିଆଯାଇଥିଲା। ତାହା ହେଲା ନାହିଁ। ରାଜ୍ୟରେ ବିଜେଡି ଓ କେନ୍ଦ୍ରରେ ଭାଜପା ସରକାର ହେଲା। ନିକଟରେ ରାଜ୍ୟ ସଭା ପ୍ରାର୍ଥୀ ଚୟନ ନେଇ ସଂଖ୍ୟା ଥାଇ ବିଜେଡି ପ୍ରାର୍ଥୀ ଦେଲା ନାହିଁ। ଓଲଟି ଭାଜପା କରିଥିବା ପ୍ରାର୍ଥୀଙ୍କୁ ସମର୍ଥନ ଦେଲା। ତେଣୁ ପରୋକ୍ଷରେ ଡବଲ ଇଞ୍ଜିନ ସ୍ଲୋଗାନ କାର୍ଯ୍ୟକାରୀ ହୋଇଥିବା ଦାମ କହିଛନ୍ତି। ସାରା ଭାରତରେ ପ୍ରଶାସକମାନେ ରାଜନୀତିକୁ ଆସିବା ଧାରା ବୃଦ୍ଧି ପାଉଛି। ବିଜେଡି-ଭାଜପା ପରସ୍ପରର ଆବଶ୍ୟକତା ପାଳଟିଛନ୍ତି। ତେଣୁ ରାଜ୍ୟ ସଭା ସମର୍ଥନରେ ଆଶ୍ଚର୍ଯ୍ୟ ହେବାର ନାହିଁ ବୋଲି ଦାମ କହିଛନ୍ତି।

# ସବୁ ଜିଲାକୁ ଛୁଇଁଲା ମୌସୁମୀ

- ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ସମ୍ଭାବନା
- ୨୭ ଯାଏ କାଁ ଭାଁ ବର୍ଷା

ଭୁବନେଶ୍ୱର,୨୨।୬(ବ୍ୟୁରୋ)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶନିବାର ରାଜ୍ୟର ସମସ୍ତ ଜିଲାକୁ ଛୁଇଁଛି। ଉତ୍ତର-ପୂର୍ବ ବଙ୍ଗୋପସାଗର, ପଶ୍ଚିମବଙ୍ଗ ଓ ବାଂଲାଦେଶ ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ରହିଛି। ଏହାଛଡ଼ା ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ କ୍ଷେତ୍ର ସୃଷ୍ଟି ହୋଇଛି। ଏଥିଯୋଗୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ହେବ । ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, କୋରାପୁଟ, ମାଲକାନଗିରି, ଗଜପତି, ରାୟଗଡ଼ା ଏବଂ ବୌଦ୍ଧ ଜିଲାର ଅଳ୍ପ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ମୌସୁମୀ ଉପକୂଳବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ମାଲକାନଗିରି, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଜିଲା ସମେତ ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ ଏବଂ କେନ୍ଦୁଝର ଜିଲାକୁ ପ୍ରବେଶ କରିଥିଲା। ଶନିବାର ସମଗ୍ର ରାଜ୍ୟକୁ ଘେରିଯାଇଛି ।

ମୌସୁମୀ ପ୍ରଭାବରେ ଗତ ୪୮ ଘଣ୍ଟା ମଧ୍ୟରେ ଅନେକ ସ୍ଥାନରେ ବର୍ଷା ହୋଇଛି। ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଲେଶ୍ୱରରେ ୨୩ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୫.୪, କଟକ ୮, ପାରାଦୀପ ୨୮.୨, ଗୋପାଳପୁର ୪.୬, ପୁରୀ ୨୨.୫, ବାରିପଦା ୨୨, ଝାରସୁଗୁଡ଼ା ୪୭.୨, ସମ୍ବଲପୁର ୬.୮, ସୁନ୍ଦରଗଡ଼ ୧୧, ହୀରାକୁଦ ୧୨.୭, ଭବାନୀପାଟଣା ୪, ବଲାଙ୍ଗୀର ୪.୬, କୋରାପୁଟ ୧୮, ଟିଟିଲାଗଡ଼ ୩୩, ମାଲକାନଗିରି ୪୨, ସୋନପୁର ୪.୨ ଏବଂ ଦାରିଙ୍ଗିବାଡ଼ିରେ ୧୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ତେବେ ମୌସୁମୀ ଦୁର୍ବଳ ଅବସ୍ଥାକୁ ଚାଲି ଯାଇଥିବାରୁ ଆସନ୍ତା ୨୭ ତାରିଖ ଯାଏ ରାଜ୍ୟରେ ବର୍ଷା ହେବାର କୌଣସି ସୂଚନା ନ ଥିବା ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**- ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସଙ୍ଗକୁ ଅପରାହ୍ଣରେ ଘଡଘଡି ସହ ବର୍ଷା ହେବାର ସମ୍ଭାବନା ଅଛି। ରବିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୨ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶନିବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୨.୨ | ୨୩.୧ |
| ଚାନ୍ଦବାଲି | ୩୩.୦ | ୨୫.୬ |
| କଟକ | ୩୩.୦ | ୨୧.୦ |
| ପାରାଦ୍ୱୀପ | ୩୧.୬ | ୨୫.୫ |
| ଭୁବନେଶ୍ୱର | ୩୧.୪ | ୨୩.୯ |
| ଗୋପାଳପୁର | ୩୪.୧ | ୨୫.୮ |
| ପୁରୀ | ୩୧.୮ | ୨୫.୦ |
| ଅନୁଗୋଳ | ୩୩.୧ | ୨୨.୦ |
| ବାରିପଦା | ୩୨.୪ | ୨୫.୫ |
| ଝାରସୁଗୁଡ଼ା | ୩୧.୮ | ୨୩.୭ |
| କେନ୍ଦୁଝର | ୩୧.୦ | ୨୩.୯ |
| ସମ୍ବଲପୁର | ୩୩.୦ | ୨୩.୮ |
| ସୁନ୍ଦରଗଡ଼ | ୩୦.୦ | ୧୯.୦ |
| ହୀରାକୁଦ | ୩୦.୬ | ୨୪.୪ |
| ତାଲଚେର | ୩୫.୧ | ୨୬.୩ |
| ଭବାନୀପାଟଣା | ୩୨.୫ | ୨୫.୫ |
| ବଲାଙ୍ଗୀର | ୩୨.୦ | ୨୪.୦ |
| କୋରାପୁଟ | ୨୫.୦ | ୧୯.୬ |
| ଫୁଲବାଣୀ | ୩୧.୫ | --- |
| ଟିଟିଲାଗଡ଼ | ୩୨.୫ | ୨୦.୦ |
| ମାଲକାନଗିରି | ୩୧.୦ | ୧୯.୦ |
| ସୋନପୁର | ୩୨.୪ | ୨୧.୮ |
| ଦାରିଙ୍ଗିବାଡ଼ି | ୨୮.୦ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ପ୍ରଥମ ପୃଷ୍ଠାରୁ...

### ଅସମାହିତ...

ପାଳନ କରିଆସୁଥିବା ଦଳୀୟ ନେତାକର୍ମୀଙ୍କ ଭିତରେ ... 

ପାଳନ କରିଆଆନ୍ତି। ହେଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଶପଥ ନେବାର ଦିନ କେଇଟା ପରେ ୪୦ଟି ଖଣି ନିଲାମ ନେଇ ତତ୍ପରତା ପ୍ରକାଶ କରିଥିଲେ। ତନ୍ମଧ୍ୟରୁ ୪ଟିର ନିଲାମ ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବା ଉଲ୍ଲେଖ କରିଥିଲେ। ଏପରିକି ପୂର୍ବରୁ ବେଆଇନ ଭାବେ ଖଣି ଉତ୍ତୋଳନ କରି ଜରିମାନା ଦେଇଥିବା କମ୍ପାନୀଙ୍କୁ ନିଲାମରୁ ଦୂରେଇ ରଖାଯାଉ ବୋଲି କଥା ଉଠିଥିଲା। ସର୍ବୋପରି ଓଡ଼ିଶା ଖଣି ନିଗମ(ଓଏମ୍‌ସି)କୁ ସମସ୍ତ ଖଣିର ପରିଚାଳନା ଦିଆଯାଉ ବୋଲି କେତେକ ବ୍ୟକ୍ତିବିଶେଷ ମତ ରଖିଥିଲେ। ହେଲେ ତାହାକୁ ଅଣଦେଖା କରାଯାଇଥିଲା। ଏହି ଘଟଣାକୁ ରାଜ୍ୟ ସଭା ନିର୍ବାଚନ ସହ ଯୋଡ଼ିଲେ ସବୁ କିଛି ପୂର୍ବ ରଣନୀତି ଥିଲା ବୋଲି ସ୍ପଷ୍ଟ ହେଉଛି।

ସେହିପରି ରାଜ୍ୟକୁ ସର୍ବାଧିକ ସୁବିଧା ଦେବାକୁ ପ୍ରତିଶ୍ରୁତି ଦେବା ଦଳକୁ କେନ୍ଦ୍ରରେ ସମର୍ଥନ କରାଯିବ ବୋଲି ବିଜେଡି ସଭାପତି ଏକାଧିକ ରାଜନୈତିକ ସାକ୍ଷାତ୍କାରରେ ମତ ରଖିଥିଲେ। ତେବେ କେନ୍ଦ୍ର-ରାଜ୍ୟ ମଧ୍ୟରେ ସେମିତି କିଛି ହେଲା କି ବୋଲି ପ୍ରଶ୍ନ ଉଠୁଛି। କେନ୍ଦ୍ରୀୟ ଅବହେଳା, ସ୍ୱତନ୍ତ୍ର ରାଜ୍ୟପାହ୍ୟା, କୋଇଲା ରୟାଲ୍‌ଟି ବୃଦ୍ଧି ଏବଂ ସ୍ୱତନ୍ତ୍ର ଧ୍ୟାନକେନ୍ଦ୍ରିକ ରାଜ୍ୟ(ସ୍ପେଶାଲ ଫୋକସ୍ ଷ୍ଟେଟ୍) ମାନ୍ୟତା ନେଇ କେନ୍ଦ୍ର ନିଜ ଆଭିମୁଖ୍ୟ କିଛି ସ୍ପଷ୍ଟ କରିନାହିଁ। ତେବେ କେଉଁ ରାଜନୈତିକ ଡିଲ୍ ବିଜେଡି-ଭାଜପାକୁ ସହମତି ସ୍ତରକୁ ନେଇଆସିଲା ବୋଲି ଆଲୋଚନା ହେଉଛି। ରାଜ୍ୟର କେତେଜଣ ରାଜନୈତିକ ସମୀକ୍ଷକଙ୍କ କହିବାନୁଯାୟୀ, ବିଜେଡିରେ ବହୁତ ନେତା ଟିକେଟ୍ ଆଶାୟୀ ରହିଥିଲେ। ସମସ୍ତଙ୍କୁ ଟିକେଟ୍ ମିଳିନାହିଁ, ଅନେକେ ନିର୍ବାଚନ ଲଢ଼ିବାର ସୁଯୋଗ ପାଇ ମଧ୍ୟ ପରାସ୍ତ ହୋଇଛନ୍ତି। କେତେକ ଛାମୁଆ କର୍ମୀ ଦଳ ପ୍ରତି ବିମୁଖ ହେଲେଣି। ତେଣୁ ସେମାନଙ୍କୁ ବିଧାନ ପରିଷଦରେ ଥଇଥାନ କରାଯିବ। ଓଡ଼ିଶା ବିଧାନସଭାରେ ଏନେଇ ସଂକଳ୍ପ ଗୃହୀତ ହୋଇଥିଲେ ମଧ୍ୟ କେନ୍ଦ୍ରର ମଞ୍ଜୁରୀ ଆବଶ୍ୟକତା ରହିଛି। ତେଣୁ ଏହିସବୁ କାରଣରୁ ବିଜେଡି ପକ୍ଷରୁ ଭାଜପା ରାଜ୍ୟ ସଭା ପ୍ରାର୍ଥୀଙ୍କୁ ସମର୍ଥନ ଦେଇଥିବା କଥା କୁହାଯାଉଛି। ଅପରପକ୍ଷରେ ବିଜେଡିର ଅଧଡଜନରୁ ଅଧିକ ନେତା ଚିଟ୍‌ଫଣ୍ଡ ମାମଲା ନେଇ ସିବିଆଇ ନଜରରେ ରହିଛନ୍ତି ।ଏମାନେ ସମସ୍ତେ ବିଜେଡି ଶୀର୍ଷ ନେତୃତ୍ୱଙ୍କ ନିକଟତର ବ୍ୟକ୍ତିବିଶେଷ। ୩ ଦିନ ତଳେ ଆନ୍ଧ୍ରପ୍ରଦେଶର ଟିଡିପିର ୪ ରାଜ୍ୟ ସଭା ସଦସ୍ୟଙ୍କୁ ଭାଜପା ନିଜ ସପକ୍ଷକୁ ନେଇସାରିଛି। ସେମାନଙ୍କ ମଧ୍ୟରେ ୨ ଜଣ ଏପରି ବ୍ୟକ୍ତିବିଶେଷ ଅଛନ୍ତି, ଯେଉଁମାନଙ୍କୁ ଭାଜପା ପୂର୍ବରୁ ଆନ୍ଧ୍ରପ୍ରଦେଶର ବିଜୟ ମାଲ୍ୟା ବୋଲି ଅଭିହିତ କରିଥିଲା। ହେଲେ ସେମାନେ ଏବେ ଭାଜପାରେ । ତେଣୁ ସାମ, ଦାନ, ଦଣ୍ଡ, ଭେଦ ରଣନୀତି ଆପଣାଇଥିବା ଭାଜପାର ଆଭିମୁଖ୍ୟକୁ ଅପେକ୍ଷାକୃତ ରକ୍ଷଣାତ୍ମକ କରିବା ପାଇଁ ବିଜେଡି ଏହି ରଣନୀତି ଆପଣାଇଥିବା କୁହାଯାଉଛି। ଅପରପକ୍ଷରେ ଭାଜପା ରାଜ୍ୟରେ ପୂର୍ବାପେକ୍ଷା ଭଲ ପ୍ରଦର୍ଶନ କରିଛି। ସଂସଦୀୟ ଜନମତରେ ବିଜେଡିଠାରୁ ମାତ୍ର ୪ ପ୍ରତିଶତ ଭୋଟ କମ୍ ପାଇଛି। ସେହିପରି ଯେ ପର୍ଯ୍ୟନ୍ତ କେରଳ, ପଶ୍ଚିମବଙ୍ଗ ଏବଂ ଓଡ଼ିଶାରେ ଭାଜପା ଶାସନ କରିନାହିଁ, ସେ ଯାଏ ଦଳର ସ୍ୱର୍ଣ୍ଣିମ ସମୟ ଆସି ନ ଥିବା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହ କହି ଆସୁଛନ୍ତି। ତେଣୁ ବିଜେଡି ରଣନୀତି ଦଳକୁ କେତେ ଫାଇଦାରେ ରଖିବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ୬ ଖଣି...

ଦେଇଥିଲେ। ଜରିମାନା ପୈଠ ନ କଲେ ଓଡ଼ିଶା ପବ୍ଲିକ ଡିମାଣ୍ଡ ରିକଭରି (ଓପିଡିଆର) ଆକ୍ଟ-୧୯୬୨ ଅନୁଯାୟୀ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ କୁହାଯାଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେତେକ ଖଣି ସଂସ୍ଥା ଆଂଶିକ ଜରିମାନା ପୈଠ କରିଥିବାବେଳେ ଅନ୍ୟ କେତେକ ଆଦୌ ଦେଇ ନ ଥିଲେ। ଏହି ଖିଲାପୀ ଖଣି ସଂସ୍ଥାଙ୍କ ସମ୍ପତ୍ତି ବାଜ୍ୟାପ୍ତି ଲାଗି କେନ୍ଦୁଝର ଜିଲାପାଳଙ୍କ କୋର୍ଟରେ ସାର୍ଟିଫିକେଟ ମାମଲା ରୁଜୁ କରାଯାଇ ଏହାର ବିଚାର କରାଯାଉଥିଲା। ଉକ୍ତ ମାମଲାରେ ପକ୍ଷ ରଖିବା ସକାଶେ ସମ୍ପୃକ୍ତ ଖଣି ସଂସ୍ଥାକୁ ସୁଯୋଗ ଦିଆଯାଇଥିଲା। ଶନିବାର ସାର୍ଟିଫିକେଟ ମାମଲାର ବିଚାର ପାଇଁ ତାରିଖ ଧାର୍ଯ୍ୟ ହୋଇଥିବାରୁ ମୋଟ ୧୧ ଖଣି ସଂସ୍ଥାକୁ ହାଜର ହେବା ଲାଗି ନୋଟିସ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଖଣି ସଂସ୍ଥାକୁ ବାଦ୍ ଦେଇ ୮ ଖଣି ସଂସ୍ଥା ଜବାବ ଦାଖଲ କରିଥିଲେ। ଅନ୍ୟପକ୍ଷେ ଶାରଦା ଓ ଓଏମଡିସି ଖଣିର ମାମଲା କୋର୍ଟରେ ପେଣ୍ଡିଂ ଥିବାରୁ ଉଭୟଙ୍କୁ ଦେଢ ମାସ ପାଇଁ ସମୟ ଦିଆଯାଇଛି। ଜିଲାପାଳ ଆଶିଷ ଠାକରେ ଏହି ମାମଲାର ଶୁଣାଣି କରି ଆଗାମୀ ଏକମାସ ମଧ୍ୟରେ ଉପରୋକ୍ତ ୬ ଖଣି ସଂସ୍ଥାଙ୍କ ସମ୍ପତ୍ତି ବାଜ୍ୟାପ୍ତି କରିବାକୁ ପୋଲିସ ଓ ସମ୍ପୃକ୍ତ ଅଞ୍ଚଳର ତହସିଲଦାରଙ୍କୁ ଆଦେଶ ଦେଇଛନ୍ତି।

### କାର୍ଯ୍ୟ ସମୟ...

ରଖାଯାଇଥିଲା। ଏଥିସହିତ ପ୍ରତ୍ୟେକ ମାସର ଦ୍ୱିତୀୟ ଶନିବାର ଛୁଟି ଘୋଷଣା କରାଯାଇଥିଲା। ତେବେ ପୂର୍ବରୁ ପ୍ରଚଳିତ ମାସର ଦ୍ୱିତୀୟ ଶନିବାର ଛୁଟି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ଏହି ବିଜ୍ଞପ୍ତି ପରେ ସଚିବାଳୟର ଜଣେ କର୍ମଚାରୀ ନିଜ ନାମ ଗୋପନ ରଖି କହିଛନ୍ତି ଯେ, ଚତୁର୍ଥ ଶନିବାର ଯେଉଁ କର୍ମଶାଳା ଓ ଦକ୍ଷତା ଶିବିର କରିବାକୁ ନିଷ୍ପତ୍ତି ହୋଇଛି, ତାହା କେବଳ କାଗଜ କଲମରେ ସୀମିତ ରହିବା ଛଡା କିଛି ନୁହେଁ। କିଛିମାସ ସରକାରୀ ନିୟମ ପାଳନ କରାଯିବ । ପରେ କେବଳ କର୍ମଚାରୀମାନେ ଛୁଟିରେ ରହିବା ଛଡା ପ୍ରକୃତ ଉଦ୍ଦେଶ୍ୟ ସାଧିତ ହେବ ନାହିଁ।

## କିଛି ତଥ୍ୟ

ଟିକେଟ ବିକ୍ରିରୁ ରେଲୱେ ପ୍ରତିବର୍ଷ ୫୦ ହଜାର କୋଟି ଟଙ୍କା ଆୟ କରୁଛି।
-ରେଲୱେ ମନ୍ତ୍ରଣାଳୟ

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**



ଏକାଦଶ ଚନ୍ଦ୍ର ଯୋଗୁ କାର୍ଯ୍ୟସିଦ୍ଧି ସାଙ୍ଗକୁ ବୈଷୟିକ ଅଭିବୃଦ୍ଧି ହୋଇପାରିବ। ପୂର୍ବ ସ୍ଥିରୀକୃତ ଦୂରଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପରିବହନ, ବନ୍ଧୁ ବାନ୍ଧବ କ୍ଷେତ୍ରରେ ସୁଫଳ ପାଇବେ। ରାହୁ ଯୁକ୍ତ ରବି ହେତୁ କୃତ୍ତିକା ନକ୍ଷତ୍ର ସବୁକଥାକୁ ଭଲରୂପେ ବିଚାର କରି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ।

**ବୃଷ**



ଆଗକୁ ଆସୁଥିବା ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଧଉଡ କରିବାକୁ ପଡିପାରେ। ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଶିଳ୍ପ, ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂରେଇବାରେ ବନ୍ଧୁ ସାହାଯ୍ୟ କରିବେ। ଭଲ ସମ୍ପର୍କ ରଖି ନ ଥିବା ବ୍ୟକ୍ତିମାନଙ୍କଠାରୁ ଦୂରେଇ ରହିବା ଭଲ ହେବ।

**ମିଥୁନ**



ପାରିବାରିକ କ୍ଷେତ୍ରରେ ପରିସ୍ଥିତିବିଶତଃ ଯେତିକି ପାଇବେ ତାହାର ଦୁଇଗୁଣା ଖର୍ଚ୍ଚ କରିବାକୁ ବାଧ୍ୟ ହେବେ। ଇଚ୍ଛା ନ ଥିଲେ ମଧ୍ୟ ହଠାତ୍ ଦୂରକୁ ଯିବାକୁ ପଡିପାରେ। ଅବଶ୍ୟ କର୍ମକ୍ଷେତ୍ରର ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିପାରିବେ। କହିବାକୁ ଇଚ୍ଛା ଥିଲେ ମଧ୍ୟ ସଂକୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ।

**କର୍କଟ**



ଆଜି ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ମନ ଚାହୁଁ ନ ଥିବା କେତେକ ପରିସ୍ଥିତିରେ ସମ୍ମୁଖୀନ ହେବାକୁ ପଡିବାର ସୂଚନା ରହିଛି। କାର୍ଯ୍ୟହାନି ଜନିତ ଧୈର୍ଯ୍ୟଚ୍ୟୁତି ସାଙ୍ଗକୁ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ବିବାଦୀୟ ପରିସ୍ଥିତି କିମ୍ବା ମାଲିମକଦ୍ଦମାରେ ସ୍ଥିତି ଅବଶ୍ୟ ଅନୁକୂଳ ରହିବ। ବାଣିଜ୍ୟ, ବ୍ୟବସାୟ, ନିର୍ମାଣ ଓ ପରିବହନରେ କିଛି ସମସ୍ୟା ଦେଖାଦେବ।

**ସିଂହ**



କେତେକ କ୍ଷେତ୍ରରେ ସଂଘର୍ଷମୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବାକୁ ପଡ଼ିପାରେ। ଆଗାମୀ ସମୟର ଆବଶ୍ୟକତା ପୂରଣ ସକାଶେ ଟଙ୍କା ପଇସା ଯୋଗାଡ଼ କରିବା ପାଇଁ ବିଭିନ୍ନ ଫନ୍ଦିଫିକର କରିପାରନ୍ତି। ଖୋଜୁଥିବା ଜିନିଷର ସନ୍ଧାନ ନ ମିଳିବାରୁ ବ୍ୟଗ୍ରତା ବଢ଼ି ଯାଇପାରେ। ସମସ୍ୟା ସୁଧାରିବା ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିବାକୁ ପଡିବ।

**କନ୍ୟା**



କର୍ମକ୍ଷେତ୍ରରେ ସନ୍ଦେହାତ୍ମକ ବାତାବରଣ ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡିପାରେ। ଶିକ୍ଷା କ୍ଷେତ୍ରରେ ଅପୂରଣୀୟ ଆଶା ଓ ସନ୍ତାନମାନଙ୍କ ବିଶୃଙ୍ଖଳିତ ଆଚରଣ ମାନସିକ ସ୍ଥିତିକୁ ଦୁର୍ବଳ କରିଦେବ। ପାରିବାରିକ ସମସ୍ୟା ଲାଗି ରହି ପାରେ। ତଥାପି ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ।

**ତୁଳା**



ପ୍ରତ୍ୟେକ କ୍ଷେତ୍ରରେ ଦୋଦୁଲ୍ୟମାନ ଅବସ୍ଥାରେ ରହିବାକୁ ବାଧ୍ୟ ହେବେ। ଏହିଭଳି କେତେକ ପରିସ୍ଥିତି ସୃଷ୍ଟିହେବ, ଯାହାକି ପଣା ବୋଲି ପିଇପାରିବେ ନାହିଁ କିମ୍ବା ପାଣି ବୋଲି ମଧ୍ୟ ଫିଙ୍ଗି ପାରୁ ନ ଥିବେ। ବିଭିନ୍ନ ପ୍ରକାରର ଅସୁବିଧା ଭିତରେ ଗତି କରୁଥିବାରୁ ଧୀରେ ଧୀରେ ମାନସିକ ଅବସ୍ଥା ଖରାପ ଦିଗକୁ ଗତି କରିବ।

**ବିଛା**



ନୂତନକର୍ମାରମ୍ଭ, ଆନୁଷ୍ଠାନିକ କାମ, ସଭାସମିତି ଓ ଭ୍ରମଣ ଜନିତ କାମରେ ସମୟ ବିନିଯୋଗ କରିବେ। ପରିବାରରେ ଭୁଲ୍ ବୁଝାମଣା ଓ ନିଜର କେତେକ ବ୍ୟତିକ୍ରମକୁ ସଜାଡିବାକୁ ଯାଇ ଅସ୍ଥିରତା ଲାଗି ରହିବ। ଅଭାବ ନ ଥିଲେ ମଧ୍ୟ ସ୍ଥଗିତ କାର୍ଯ୍ୟ ସକାଶେ ବିଚଳିତ ରହିପାରନ୍ତି। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କଥା କହି ନ ପାରେ।

**ଧନୁ**



ବିଶେଷ କୌଣସି ଅସୁବିଧା ନ ଥିଲେ ମଧ୍ୟ ଅଯଥାରେ ଏଣୁତେଣୁ ଗୁଡାଏ ଚିନ୍ତା କରି ମନ ବିବ୍ରତ ରହିବ। ବିବାଦୀୟ ପରିସ୍ଥିତି କିମ୍ବା ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ସାମୟିକ ଖୁସି ହୋଇଯାଇପାରେ। ବାଧ୍ୟ ବାଧକତାରେ ଦୂରଯାତ୍ରା କରିବାକୁ ପଡ଼ିପାରେ। ବ୍ୟବସାୟ, ପରିବହନ, ଅର୍ଥ ସମ୍ପର୍କକୁ ନେଇ ଆଲୋଚନାରେ ବ୍ୟସ୍ତ ରହିପାରନ୍ତି।

**ମକର**



ସକାଳୁ ସକାଳୁ ଜଣେ ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମଗୁଡିକ ସୁବିଧାରେ ସମ୍ପନ୍ନ ହୋଇଯିବାର ଆଶା ରହିଛି। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉନ୍ନତି କରିବେ। ଟିକିଏ ଟିକିଏ କଥାରେ ରାଗିଯାଇ ଯାହା ପଡିଲା ତାହା କହି ପକାଇବା ଦ୍ୱାରା କିଛି ସମସ୍ୟା ଆସିପାରେ। ଆତ୍ମୀୟମାନେ ସହଯୋଗ କରି ଆପଣଙ୍କ କାମକୁ ସୁଗମ କରିପାରନ୍ତି।

**କୁମ୍ଭ**



ପ୍ରତ୍ୟେକ କ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ କୃତକାର୍ଯ୍ୟ ହେବେ। ନିଜର ଲୋକମାନେ ଯେତେ ପ୍ରକାରର ସମସ୍ୟା ସୃଷ୍ଟି କଲେ କିଛି କ୍ଷତି କରିପାରିବେ ନାହିଁ। ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚଫଳ ପ୍ରାପ୍ତି ହୋଇପାରେ। ସାଧାରଣ କଥାରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ।

**ମୀନ**



କର୍ମକ୍ଷେତ୍ରରେ ସମସ୍ୟାକୁ ପ୍ରତିହତ କରି ଆଗକୁ ବଢ଼ିବା ସକାଶେ ପଦକ୍ଷେପ ନେବେ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଲେ ମଧ୍ୟ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ସତର୍କରେ ଚଳିଲେ ସୁଦ୍ଧା ବିବାଦ ଭିତରକୁ ଟାଣି ହୋଇଯିବାର ଆଶଙ୍କା ରହିଛି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ଆଷାଢ଼ କୃଷ୍ଣ ଷଷ୍ଠୀ ରବିବାର, ଜୁନ୍ ୨୩ ତାରିଖ, ରାଶି ନକ୍ଷତ୍ର- ଶତଭିଷା/କୁମ୍ଭ, ମେଷ ରାଶିର ଘାତବାର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଅଦ୍ୟ ବିଦ୍ୟାରମ୍ଭ, ବ୍ରତୋପନୟନ ଓ ବାଣିଜ୍ୟକରଣ ପାଇଁ ଶୁଭଦିନ, ଶରଣଂ, ଦିବା ଘ୧୧ ।୪୫ମି. ଗତେ ଘ୧ ।୨୬ମି. ମଧ୍ୟେ, ଘ୨ ।୫୮ମି. ଗତେ ଘ୪ ।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬ ।୫୦ମି. ମଧ୍ୟେ ଘ୪ ।୫୪ମି. ଗତେ ଘ୬ ।୧୫ମି. ମଧ୍ୟେ ଅମୃତବେଳା। ଦିବା ଘ୮ ।୨୭ମି. ଗତେ ଘ୧୦ ।୦୪ମି. ମଧ୍ୟେ ମାହେନ୍ଦ୍ର ବେଳା।

## ସାପ୍ତାହିକ କାର୍ଯ୍ୟକ୍ରମ

**ଅନୁଗୋଳ**
■ନବକୃଷ୍ଣ ଚୌଧୁରୀଙ୍କ ଶ୍ରାଦ୍ଧ ଦିବସ
ତାରିଖ: ୨୪।୬।୧୯
ସ୍ଥାନ: ବାଜିରାଉତ ଛାତ୍ରାବାସ
ସମୟ: ପୂର୍ବାହ୍ନ ୯ଟା ।

**ଅନୁଗୋଳ**
■ମିଳିତ ଜନଶୁଣାଣି
ତାରିଖ: ୨୪।୬।୧୯
ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୦ଟା।

**ଅନୁଗୋଳ**
■ସଡ଼କ ସୁରକ୍ଷା ବୈଠକ
ତାରିଖ: ୨୫।୬।୧୯
ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ
ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ନିର୍ଯାତନା, ଫେରାର ସ୍ୱାମୀ ଗିରଫ

କଣିହାଁ, ୨୨।୬ (ଡି.ଏନ.ଏ.)- ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ ପରେ ଫେରାର ଥିବା ଅନୁଗୋଳ ଜିଲା ବନ୍ତଳା ଥାନା ପୁରୁଣାଗଡ ଗ୍ରାମର ପ୍ରକାଶ ସାହୁଙ୍କୁ ରେଙ୍ଗାଳି ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସରୋଜକାନ୍ତ ସାମଲଙ୍କ ସୂଚନାରୁ ଜଣାଯାଏ, ରେଙ୍ଗାଳି ଗ୍ରାମର ସ୍ୱର୍ଗତ କରୁଣାକର ସାହୁଙ୍କ ଝିଅ ମୀନା ୨୩ ବର୍ଷ ପୂର୍ବରୁ ପ୍ରକାଶଙ୍କୁ ବିବାହ କରିଥିଲେ। ହେଲେ ବିବାହର କିଛି ଦିନ ପରଠାରୁ ପ୍ରକାଶ ମୀନାଙ୍କୁ ଅଧିକ ଯୌତୁକ ଦାବି କରି ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ବହୁ ବାର ଗ୍ରାମରେ ବୁଝାମଣା ହୋଇଥିଲା। ହେଲେ କିଛି ଦିନ ପରେ ପୁଣି ପ୍ରକାଶ ମୀନାଙ୍କୁ ମାରପିଟ କରିଥିଲେ। ଏପରିକି ପ୍ରକାଶଙ୍କ ଅନ୍ୟ କାହା ସହ ସମ୍ପର୍କ ଥିବା ମୀନା ଅଭିଯୋଗ କରିଥିଲେ। ପ୍ରକାଶ ମୀନାଙ୍କୁ ଘରୁ ବାହାର କରିଦେବା ପରେ ମୀନା ତାଙ୍କ ଭାଇଙ୍କ ପାଖରେ ରହିଆସୁଥିଲେ। ଏଥିସହ ୨୦୧୮ ଜୁଲାଇ ୩୦ ରେ ମୀନାଙ୍କ ଅଭିଯୋଗ କ୍ରମେ ରେଙ୍ଗାଳି ଥାନାରେ ନଂ. ୭୯/୧୮ରେ ଏକ ମାମଲା ରୁଜୁ ହୋଇଥିଲା। ଏହାପରଠାରୁ ପ୍ରକାଶ ଫେରାର ଥିଲେ। ଶନିବାର ତାଙ୍କୁ ଅନୁଗୋଳ ବଜାର ଅଞ୍ଚଳରୁ ଗିରଫ କରାଯାଇଥିବା ଆଇଆଇସି କହିଛନ୍ତି।

### ବ୍ୟବଚ୍ଛେଦ ପରେ ମୃତଦେହ ହସ୍ତାନ୍ତର

ଅନୁଗୋଳ ଅଫିସ, ୨୨।୬- ଅନୁଗୋଳ ଥାନା ରନ୍ତଲେଇସ୍ଥିତ ଗୋ-ଶାଳା ନିକଟରେ ଗୁରୁବାର ରାତିରେ ବଜ୍ରପାତରେ ମା’ ଓ ପୁଅଙ୍କ ମୃତ୍ୟୁ ହୋଇଥିଲା। ମୃତ ମହିଳାଙ୍କ ବାପା କିଷନ ବାବର ଶୁକ୍ରବାର ଅପରାହ୍ନରେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ସଂରକ୍ଷିତ ରଖିଥିଲା। ଶନିବାର ମୃତ ଭାଲନା ବାଇ ବାଲନାଥ(୪୫) ଓ ନନ୍ଦୁ ବାଲନାଥ(୧୦)ଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହାପରେ ମରାଠା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଉଭୟଙ୍କ ଶେଷକୃତ୍ୟ ରନ୍ତଲେଇ ଠାରେ ସମ୍ପନ୍ନ ହୋଇଛି।

### ଚୋରି ବାଇକ୍ ଉଦ୍ଧାର

ତାଳଚେର,୨୨।୬(ନି.ପ୍ର.)- ତାଳଚେର ପୋଲିସ ୨ଟି ଚୋରି ବାଇକ୍ ଉଦ୍ଧାର କରିଛି। ପୋଲିସ କହିଛି, ମେ ୯ରେ ବଁଅରପାଳ ବ୍ଲକ ଗୋଡମରାର ସଞ୍ଜୟ କୁମାର ସ୍ୱାଇଁଙ୍କ ବାଇକ୍ ଚାଇଁପାଳ ଓଭରବ୍ରିଜ ନିକଟରୁ ଚୋରି ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ଛାନଭିନ୍ ଚଳାଇଥିଲା। ଶନିବାର ଉକ୍ତ ବାଇକ୍‌କୁ ପୋଲିସ ପରଜଙ୍ଗ ଥାନା କଙ୍କଡ଼ାସୁଡା ଗ୍ରାମର ମୋହନ ବାଇ (୩୫)ଙ୍କ ଠାରୁ ଜବତ କରିଥିଲା। ମୋହନ ଉକ୍ତ ବାଇକକୁ ଲିପୁ ଓରଫ ଦୀପକ ନାଏକ(୧୯)ଙ୍କ ଠାରୁ କିଣିଥିଲେ। ଦୀପକ ଅନ୍ୟ ଏକ ମାମଲାରେ କଳିୟରୀ ପୋଲିସ ଦ୍ୱାରା ଗିରଫ ହୋଇ ଜେଲରେ ଥିବା ଜଣାପଡ଼ିଛି। ତାଳଚେର ପୋଲିସ ଦୀପକଙ୍କୁ ରିମାଣ୍ଡରେ ଆଣି ପଚରାଉଚରା କରିବ ବୋଲି ସୂଚନା ମିଳିଛି। ପୋଲିସ ଜବତ କରିଥିବା ବାଇକକୁ ସଞ୍ଜୟଙ୍କୁ ହସ୍ତାନ୍ତର କରିଛି। ସେହିପରି ନାଲ୍‌କୋ ଅଞ୍ଚଳରୁ ଚୋରି ହୋଇଥିବା ଏକ ବାଇକ୍ (ନଂ. ଓଡି୧୯ଏଫ୍-୩୫୪୨)କୁ ମଧ ତାଳଚେର ପୋଲିସ ଉଦ୍ଧାର କରିଛି। ଉକ୍ତ ବାଇକ୍‌କୁ ନାଲକୋ ଥାନାକୁ ହସ୍ତାନ୍ତର କରାଯାଇଥିବା ବେଳେ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ତାଳଚେର ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

■ସନ୍ଧ୍ୟାରେ ପ୍ରଶାସନ ପାଳିଲା ଯୋଗ ଦିବସ

# ଯୋଗଦେଲେନି ଅର୍ଦ୍ଧାଧିକ ସରକାରୀ କର୍ମଚାରୀ

**ଅନୁଗୋଳ ଅଫିସ, ୨୨।୬**



ଜିଲା ପ୍ରଶାସନ ପକ୍ଷରୁ ଯୋଗ ଦିବସ ପାଳନ କରାଯାଉଛି।

ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପତଞ୍ଜଳି ଯୋଗ ସମିତି ସହଯୋଗରେ ଶୁକ୍ରବାର ସନ୍ଧ୍ୟାରେ ଜିଲା ପରିଷଦ ସମ୍ମିଳନୀ ଗୃହରେ ପଞ୍ଚମ ଅନ୍ତଃରାଷ୍ଟ୍ରୀୟ ଯୋଗ ଦିବସ ଜିଲା ପ୍ରଶାସନ ପକ୍ଷରୁ ସନ୍ଧ୍ୟାରେ ପାଳିତ ହୋଇଯାଇଛି। ତେବେ ସମସ୍ତ କାର୍ଯ୍ୟାଳୟର କର୍ମଚାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବାବେଳେ ଏଥିରେ ଅଧାରୁ ଅଧିକ ସରକାରୀ କର୍ମଚାରୀ ଯୋଗ ଦେଇ ନ ଥିବା ଦେଖିବାକୁ ମିଳିଥିଲା।

ସବୁଠି ପ୍ରାତଃ ସମୟରେ ଯୋଗ ଦିବସ ପାଳନ କରାଯାଇଥିବାବେଳେ ଅନୁଗୋଳରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ସମୟରେ ପ୍ରଶାସନ ପକ୍ଷରୁ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ଜିଲା କାର୍ଯ୍ୟାଳୟର ବହୁ ଅଧିକାରୀ ଯୋଗ ଦେଇ ନ ଥିବାରୁ ଚେୟାର ସବୁ ଖାଲି ପଡିଥିଲା। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ଯୋଗ ଓ ପ୍ରାଣାୟାମର ଉପାଦେୟତା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ଶାରିରୀକ ଓ ମାନସିକ ସୁସ୍ଥତା ବଜାୟ ରଖିବା ପାଇଁ ସଭିଏଁ ଯୋଗ କରିବା ଆବଶ୍ୟକ ବୋଲି କହିଥିଲେ। ପତଞ୍ଜଳି ଯୋଗ ସମିତିର ଜିଲା ପ୍ରଭାରୀ ଅଭୟ କୁମାର ରାୟ ଯୋଗ ଓ ପ୍ରାଣାୟାମର ଉପଦେୟତା ଓ ଦୈନନ୍ଦିନ ଜୀବନରେ ଏହାର ପ୍ରୟୋଗର ବିଭିନ୍ନ ମାର୍ଗ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସ୍ୱାସ୍ଥ୍ୟର ଯତ୍ନ ପାଇଁ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା ଓ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ ଓ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର କର୍ମଚାରୀଙ୍କ ସହ ପତଞ୍ଜଳି ଯୋଗ ସମିତିର ସଦସ୍ୟାସଦସ୍ୟମାନେ ଯୋଗ ଦେଇଥିଲେ। ସେହିପରି ଅନୁଗୋଳ ପୋଲିସ ଟ୍ରେନିଂ କଲେଜରେ ୮ ଶହରୁ ଊର୍ଦ୍ଧ୍ୱ ଶିବିରାର୍ଥୀ ଯୋଗ ଅଭ୍ୟାସ କରିଥିଲେ। ପିଟିସି ପଡିଆରେ ଆୟୋଜିତ ଏହି ଶିବିରକୁ ଅନୁଗୋଳର ଭାରତ ସ୍ୱାଭିମାନ୍ ଟ୍ରଷ୍ଟ ପକ୍ଷରୁ ଆୟୋଜନ କରାଯାଇଥିଲା। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଚିତ୍ତ ରଞ୍ଜନ ମାଝି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସେହିପରି ସ୍ଥାନୀୟ ଆଦୃତ ସେବାଗୃହର ଅନ୍ତେବାସୀଙ୍କୁ ନେଇ ଜନ ଶିକ୍ଷଣ ସଂସ୍ଥାନ ଓ ଡ୍ରିମ୍ ଫାଉଣ୍ଡେଶନ୍ ଅନୁଗୋଳ ଦ୍ୱାରା ଯୋଗ ଶିବିର ଆୟୋଜନ କରାଯାଇଥିଲା। ଅନୁଗୋଳର ଭାରତ ସ୍ୱାଭିମାନ ଟ୍ରଷ୍ଟର ସଂଯୋଜନା ଏବଂ ପତଞ୍ଜଳି ଯୋଗ ସମିତି ପକ୍ଷରୁ ବିଭିନ୍ନ ସ୍ଥାନରେ ଶିବିରାର୍ଥୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା।

# ଦାଦାଙ୍କ ଯୋଗୁ ଦହିବରା ବିକିପାରୁଛି



**ଦିନକର କାହାଣୀ**
**ଦୟାନିଧି ସାହୁ**

ଦିନେ କାମ ଖୋଜିବାକୁ ଘର ଘର ବୁଲୁଥିଲି। ମୂଲ ମଜୁରି କରି ପେଟ ପୋଷିବାକୁ ଚେଷ୍ଟା କରୁଥିଲି। ହେଲେ ଦାଦାଙ୍କ ଦହିବରା ବ୍ୟବସାୟ ଓ ଏକ ଜଳଖିଆ ଦୋକାନରେ କାମ କରିବାର ଅଭିଜ୍ଞତା ହିଁ ମୋତେ ଦହିବରା ବ୍ୟବସାୟ କ୍ଷେତ୍ରକୁ ଟାଣି ଆଣିଛି। ପିଲାବେଳୁ ଦାଦାଙ୍କ ସହ କାମ କରିଥିବାରୁ ଏହି ବେପାର ମୋ ପାଇଁ ଅଧିକ ସହଜ ହୋଇଯାଇଛି। ଏବେ ପରିବାର ଚଳାଇବା ଓ ପିଲାଙ୍କୁ ମଣିଷ କରିବାରେ କିଛି ଅସୁବିଧା ହେଉନି ବୋଲି କହିଛନ୍ତି ଅନୁଗୋଳ ବଜାର ମାଡୁଆଳି ଧର୍ମଶାଳା ସମ୍ମୁଖରେ ଦହିବରା ବିକ୍ରି କରୁଥିବା ଦୟାନିଧି ସାହୁ।

ଦୟାନିଧିଙ୍କ ଘର କଟକ ଜିଲା ବଡ଼ମ୍ବା ଥାନା ଗୋପପୁର ଗ୍ରାମରେ। ବାପା ସତ୍ୟବାଦୀଙ୍କ ତିନିପୁଅ ମଧ୍ୟରୁ ଦୟାନିଧି ବଡ଼। ସେ ଦ୍ୱିତୀୟ ଶ୍ରେଣୀରେ ପଢୁଥିବା ବେଳେ ବାପାଙ୍କ ମୃତ୍ୟୁ ହୋଇଥିଲା। ସେହିଦିନଠାରୁ ତାଙ୍କ ପାଠପଢ଼ା ବନ୍ଦ ହୋଇଯାଇଥିଲା। ଦୁଇ ଓଳି ଦୁଇ ମୁଠା ଖାଇବା ଯୋଗାଡ଼ ପରିବାର ପାଇଁ କଷ୍ଟକର ହୋଇପଡ଼ିବାରୁ ତାଙ୍କୁ ଦହିବରା ବିକ୍ରି କରୁଥିବା ଦାଦା କୀର୍ତ୍ତନ ସାହୁଙ୍କ ସହ କାମ କରିବାକୁ ପଡ଼ିଲା। ଦାଦାଙ୍କ ପାଖରେ ୧୨ ବର୍ଷ ରହି ସାହାଯ୍ୟ କରିବା ସହିତ ମୂଲ ମଜୁରି କରୁଥିଲେ। କିନ୍ତୁ ସେଥିରେ ଚଳିବା କଷ୍ଟକର ହେବାରୁ ଏକ ଜଳଖିଆ ଦୋକାନରେ କାମ କଲେ। ସେଠାରୁ କାମ ଶିଖି ନିଜେ ଏକ ଠେଲାଗାଡ଼ି ମାଧ୍ୟମରେ ଜଳଖିଆ ବିକିଲେ। ୭ ବର୍ଷ ଏପରି ଜଳଖିଆ ବିକ୍ରି କରିବା ପରେ ଅଧିକ ରୋଜଗାର ପାଇଁ ଦାଦାଙ୍କ ପରି ଦହିବରା ବ୍ୟବସାୟ କରିବାକୁ ମନ ବଳାଇଲେ। ଅନୁଗୋଳ ସହରରେ ୨ଶହ ଟଙ୍କାରେ ଏକ ଘରଭଡା ନେଇ ବ୍ୟବସାୟ ଆରମ୍ଭ କଲେ। ପରେ ଗାଁ ନିକଟ ବାସନ୍ତୀଙ୍କୁ ବିବାହ କଲେ। ସ୍ତ୍ରୀଙ୍କ ସହଯୋଗ ମିଳିବା ପରେ ତାଙ୍କ ବେପାର ଆଗକୁ ବଢ଼ିଲା। ଏମିତିରେ ୩୦ ବର୍ଷ ବିତିଗଲାଣି। ବଡ଼ ପୁଅ ବାଦଲ ବନ୍ତଳା ମହାବିଦ୍ୟାଳୟରେ ପଢୁଥିବା ବେଳେ ସାନ ଝିଅ ଗାୟତ୍ରୀ ଦଶମ ପଢୁଛି। ସକାଳ ୭ଟା ବାଜିବା ମାତ୍ରେ ତାଙ୍କ ଦୋକାନରେ ଭିଡ଼ ବଢ଼ିଯାଉଛି। ଯେତିକି ଲୋକ ଖାଇବା ପାଇଁ ଆସୁଛନ୍ତି ତାହାଠାରୁ ଅଧିକ ପାର୍ସଲ ଅର୍ଡର ଦେଉଛନ୍ତି। ଦୁଇ ପ୍ରକାରର ଦହିବରା ସାଙ୍ଗକୁ ଆଳୁଦମ, ଘୁଗୁନି ଓ ହାତ ତିଆରି ମସଲାର ସ୍ୱାଦ ଗ୍ରାହକଙ୍କୁ ତାଙ୍କ ଦୋକାନ ପ୍ରତି ଆକର୍ଷିତ କରୁଛି। କଠିନ ପରିଶ୍ରମ ଓ ଦାଦାଙ୍କ ସାହାଯ୍ୟ ପାଇଁ ସେ ଆଜି ସଫଳ ଦହିବରା ବ୍ୟବସାୟୀ ହୋଇପାରିଥିବା ଦୟାନିଧି ପ୍ରକାଶ କରିଛନ୍ତି।

ରିପୋର୍ଟ–ଦୀନେଶ ଦେହୁରୀ

# ଧିମେଇଛି ରାଜପଥ ପ୍ରଶସ୍ତୀକରଣ

**ଛେଣ୍ଡିପଦା, ୨୨।୬ (ଡି.ଏନ.ଏ.)**

**ବିଳମ୍ବ ହେଉଛି ଜମି ଅଧିଗ୍ରହଣ**

୨ ବର୍ଷ ହେବ ଆରମ୍ଭ ହୋଇଥିବା ଅନୁଗୋଳ–ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ଚାରି ଧାଡିଆ ପ୍ରଶସ୍ତୀକରଣ କାମ ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ଧିମେଇଛି। ଜିଲା ପ୍ରଶାସନ କିମ୍ବା ଜାତୀୟ ରାଜପଥ ବିଭାଗ ପକ୍ଷରୁ ଆବଶ୍ୟକତା ଅନୁସାରେ ଜମି ଅଧିଗ୍ରହଣ କରାଯାଉ ନ ଥିବାରୁ ଅନୁଗୋଳଠାରୁ ଢେଙ୍କାନାଳ–ମଙ୍ଗୁଳି ଛକ କଟକ ପର୍ଯ୍ୟନ୍ତ ଏହି ରାସ୍ତା ନିର୍ମାଣ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଜିଲା ଭୂ–ଅର୍ଜନ ବିଭାଗ ପକ୍ଷରୁ ଜମି କ୍ଷତିଗ୍ରସ୍ତ ତଥା ବାସହରା ପ୍ରଜାମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରାଯିବା କ୍ଷେତ୍ରରେ ମଧ୍ୟ ବିଳମ୍ବ ହେଉଛି। ଅଧିକାଂଶ ସ୍ଥାନରେ ଜମି ଏବଂ ବାସଗୃହରେ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ହୋଇଥିବା ଅଭିଯୋଗ କରି ଅଧିକାଂଶ ପ୍ରଜା ଜିଲାପାଳଙ୍କଠାରେ ସଂଶୋଧନ ପାଇଁ ଦାବି କରିଛନ୍ତି। ସେହିପରି ଜବରଦଖଲ ଉଚ୍ଛେଦ ଓ କ୍ଷତିପୂରଣ ପ୍ରଦାନ ମଧ୍ୟ କରାଯାଉନାହିଁ। ଏହି ରାଜପଥ ନିର୍ମାଣ କାର୍ଯ୍ୟ ଗାୟତ୍ରୀ ପ୍ରୋଜେକ୍ଟ ଲିମିଟେଡ଼ ନାମକ ଏକ ଘରୋଇ ଠିକାସଂସ୍ଥା ହାତରେ ନ୍ୟସ୍ତ କରାଯାଇଛି। କାମ ଚାଲିଥିବା ଯୋଗୁ ସମ୍ପ୍ରତି ରାସ୍ତା ଅଣ ଓସାରିଆ ହୋଇ ଯାତାୟାତରେ ଅସୁବିଧା ହେଉଛି। ଏଥିଯୋଗୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଛି। ଉଭୟ ଅନୁଗୋଳ ଏବଂ ଢେଙ୍କାନାଳ ଜିଲା ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହୋଇଛି।

ଏ ସମ୍ପର୍କରେ ଗାୟତ୍ରୀ ଠିକାସଂସ୍ଥା ଡେପୁଟି ପ୍ରୋଜେକ୍ଟ ମ୍ୟାନେଜର ଜି ପଦ୍ମନାଭମ ନାନାଜୀ କହିଛନ୍ତି, ପ୍ରଶାସନ ତଥା ଭୂ–ଅର୍ଜନ ବିଭାଗ ପକ୍ଷରୁ ଜମି ଅଧିଗ୍ରହଣ କାର୍ଯ୍ୟ ଯଥାଶୀଘ୍ର କରାଯାଇ ଜାତୀୟ ରାଜପଥ ବିଭାଗ ପକ୍ଷରୁ କ୍ଲିୟରାନ୍ସ ଦିଆଗଲେ ରାସ୍ତା ନିର୍ମାଣ ଆଗେଇ ପାରିବ। ଅଧିକାଂଶ ସ୍ଥାନରେ ଠିକାସଂସ୍ଥା ପକ୍ଷରୁ ସବଲେଟ କଣ୍ଟ୍ରାକ୍ଟରମାନଙ୍କୁ କାମ ବଣ୍ଟନ କରାଯାଇଛି। ସମ୍ପୃକ୍ତ ସବଲେଟ କଣ୍ଟ୍ରାକ୍ଟରମାନଙ୍କୁ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

■ଯୁକ୍ତ ୨ ପରୀକ୍ଷାଫଳ

# ଅନୁଗୋଳ କଲେଜରେ ବିଶ୍ୱପ୍ରିୟା, ସୁନୀଲ ଟପ୍ପର

**ଅନୁଗୋଳ ଅଫିସ, ୨୨।୬**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାର ଯୁକ୍ତ ୨ କଳା ଓ ବାଣିଜ୍ୟ ଫଳ ପ୍ରକାଶ ପାଇଥିଲା। ତେବେ ଅନୁଗୋଳ ଜିଲାର କୌଣସି ଛାତ୍ରୀଛାତ୍ର ଟପ୍ ୩୦ରେ ସ୍ଥାନ ପାଇ ନ ଥିବା ସୂଚନା ମିଳିଛି। ଅନୁଗୋଳ ଜୁନିୟର କଲେଜରେ କଳାରେ ୭୯.୨୬ ପ୍ରତିଶତ ରେଜଲ୍ଟ ହୋଇଥିବାବେଳେ ବାଣିଜ୍ୟରେ ୫୧.୪ ପ୍ରତିଶତ ପିଲା ପାସ୍ କରିଛନ୍ତି। କଳାରେ ମୋଟ୍ ୨୨୪ ଜଣ ପରୀକ୍ଷା ଦେଇଥିଲେ। ସେଥିରୁ ୧୮୩ ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୪୩ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୮ ଓ ୧୦୨ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। ସେହିପରି ବାଣିଜ୍ୟରେ ମୋଟ୍ ୨୦୬ ଜଣଙ୍କ ମଧ୍ୟରୁ ୧୩୩ ଜଣ ପାସ୍ ହୋଇଛନ୍ତି। ଏଥିରେ ପ୍ରଥମ ଶ୍ରେଣୀରେ ୨୮ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୫ ଜଣ ଓ ୭୦ ଜଣ ତୃତୀୟ ଶ୍ରେଣୀରେ ପାସ୍ କରିଛନ୍ତି। କଳାରେ ବିଶ୍ୱପ୍ରିୟା ପ୍ରଧାନ ୪୭୫ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ନିତ୍ୟାଶ୍ରୀ ସ୍ୱାଇଁ ୪୭୪ ନମ୍ବର ରଖି ଦ୍ୱିତୀୟ ଓ ସଙ୍ଗୀତା ପାତ୍ର ୪୭୨ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ବାଣିଜ୍ୟରେ ସୁନୀଲ ସାହୁ ୪୯୪ ନମ୍ବର ରଖି ପ୍ରଥମ ହୋଇଥିବାବେଳେ ଦିବ୍ୟଜ୍ୟୋତି ସାହୁ ୪୭୨ ନମ୍ବର ରଖି ଦ୍ୱିତୀୟ ଓ ରିଖିତ ବାରିକ ୪୬୫ ନମ୍ବର ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିପରି ଅନୁଗୋଳ ସହର ଉପକଣ୍ଠରେ ଥିବା କୁମଣ୍ଡ ଜରାସିଂହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚଳିତ ବର୍ଷ ୧୫୦ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨ ଜଣ ପ୍ରଥମ ଶ୍ରେଣୀ, ୧୨ ଜଣ ଦ୍ୱିତୀୟ ଶ୍ରେଣୀ ଓ ୭୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଜୁନିୟର କଲେଜରେ ମୋଟ ପାସହାର ୫୯ ପ୍ରତିଶତ ହୋଇଥିବା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ବନ୍ତଳା କଲେଜରେ ମଧୁସ୍ମିତା ଟପ୍ପର

**ବନ୍ତଳା, ୨୨।୬(ଡି.ଏନ.ଏ.)**



ଅନୁଗୋଳ ଜିଲା ବନ୍ତଳା ଯୁକ୍ତ ୨ ଶ୍ରୀ ଚନ୍ଦ୍ରଶେଖର ଜୁନିୟର ମହାବିଦ୍ୟାଳୟ କଳା ବିଭାଗର ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ମୋଟ ୨୩୫ ଜଣ ପରୀକ୍ଷା ଦେଇଥିବାବେଳେ ୧୫୮ ଜଣ କୃତକାର୍ଯ୍ୟ ହୋଇଛନ୍ତି। ପୋକତୁଙ୍ଗାର ଝିଅ ମଧୁସ୍ମିତା ବେହେରା ସର୍ବାଧିକ ୪୯୯ ନମ୍ବର (୮୩.୧୬%) ରଖି କଲେଜ ଟପ୍ପର ହୋଇଛନ୍ତି। ଆଠମଲ୍ଲିକର ରୂପାଲି ପ୍ରଧାନ ୪୫୫ ନମ୍ବର ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ପ୍ରଥମ ଶ୍ରେଣୀରେ ୨୨ ଜଣ, ଦ୍ୱିତୀୟ ଶ୍ରେଣୀରେ ୩୦ ଓ ତୃତୀୟ ଶ୍ରେଣୀରେ ୧୦୬ ଜଣ ପାସ କରିଛନ୍ତି। ୨୦୧୮ରେ କଲେଜରେ ପାସ ହାର୍ ୫୮.୬୯ ପ୍ରତିଶତ ଥିବାବେଳେ ଚଳିତ ବର୍ଷ ଏଥିରେ ୧୦ ପ୍ରତିଶତ ବୃଦ୍ଧି ହୋଇଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ଅନୁଗୋଳ ଅଫିସ, ୨୨।୬**

ଅନୁଗୋଳ ସହରରେ ଏକ ଟ୍ରାକ୍ଟର ଧକ୍କାରେ ବଁଅରପାଳ ଥାନା କଇଁଚବାହାଳର ଅନନ୍ତ ବେହେରା(୩୦)ଙ୍କ ମୃତ୍ୟୁ ହୋଇଛି। ଖବରପାଇ ପୋଲିସ ଟ୍ରାକ୍ଟର (ନଂ.ଓଡି୧୯ସି–୬୮୭୧) ଜବତ କରିବା ସହ ନଂ. ୪୪୮/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏକ ବିବାହ ଭୋଜିରେ ଯୋଗ ଦେବାକୁ ଆସିଥିବା ଅନନ୍ତ ବିଳମ୍ବିତ ରାତିରେ ଘରକୁ ଫେରୁଥିବା ବେଳେ ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବାପୁଜୀ କଲେଜ ଯୁକ୍ତ ୨ ପରୀକ୍ଷାଫଳ ପ୍ରକାଶିତ

**ଛେଣ୍ଡିପଦା,୨୨।୬(ସ୍ୱ.ପ୍ର)**

ଛେଣ୍ଡିପଦା ବାପୁଜୀ କଲେଜର ଯୁକ୍ତ ୨ ପରୀକ୍ଷା ଫଳ ଶୁକ୍ରବାର ପ୍ରକାଶ ପାଇଛି। ଚଳିତ ବର୍ଷ କଲେଜରେ କଳା, ବାଣିଜ୍ୟ ଓ ଭୋକେସନାଲରେ ମୋଟ ୨୬୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୭୯ଜଣ ପାସ କରିଛନ୍ତି। କଳାରେ ୧୮୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୪ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭, ଦ୍ୱିତୀୟରେ ୮ ଓ ତୃତୀୟ ଶ୍ରେଣୀରେ ୮୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବାଣିଜ୍ୟରେ ମୋଟ ୩୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୮ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ଦ୍ୱିତୀୟ ଓ ୧୫ ଜଣ ତୃତୀୟ ଶେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଭୋକେସନାଲରେ ମୋଟ ୪୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୧ଜଣ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୧ଜଣ ଦ୍ୱିତୀୟ ଓ ୧୦ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରକାଶ କରିଛନ୍ତି। କଳାରେ ସ୍ୱିନୋଜା ଆଚାର୍ଯ୍ୟ ସର୍ବାଧିକ ୭୪ ପ୍ରତିଶତ ନମ୍ବର ରଖି କଲେଜ ପାଇଁ ଗୌରବ ଆଣିଛନ୍ତି।

# ବଁଅରପାଳ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

**ବଁଅରପାଳ, ୨୨।୬(ଡି.ଏନ.ଏ.)**

ବଁଅରପାଳ ବ୍ଲକ ତଳମୂଳ ଗ୍ରାମରେ ୨ ଦିନ ହେଲା ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଛି। ଫଳରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଅନେକ ସମୟରେ ବିଦ୍ୟୁତ୍ କାଟ ସହ ଲୋ ଭୋଲ୍ଟେଜ ସମସ୍ୟା ଦେଖାଦେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ଶନିବାର ରାତି ୯ ଟାରୁ ଗ୍ରାମବାସୀ ବଁଅରପାଳ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଖବର ଲେଖା ସୁଦ୍ଧା ଆନ୍ଦୋଳନ ଜାରି ରହିଛି। ଗ୍ରାମର ପ୍ରଦୀପ ଦ୍ୱିବେଦୀ, କାଠି ଦ୍ୱିବେଦୀ, ବୁଲୁ ତ୍ରିପାଠୀ, ବି ପି ତ୍ରିପାଠୀଙ୍କ ସମେତ ବହୁ ଗ୍ରାମବାସୀ ଏଥିରେ ସାମିଲ ହୋଇଛନ୍ତି।

# ଦୃଷ୍ଟି ଆଢୁଆଳରେ ବନଦୁର୍ଗା ମନ୍ଦିର

**ଛେଣ୍ଡିପଦା,୨୨।୬(ଡି.ଏନ.ଏ.)**



**ମିଳୁନି ପର୍ଯ୍ୟଟନ ସ୍ଥଳୀ ମାନ୍ୟତା**

ଅନୁଗୋଳ ଜିଲାର କେତେକ ଜଣାଶୁଣା ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଥିଲେ ହେଁ ଆଉ କେତେକ ପ୍ରସିଦ୍ଧ ସ୍ଥାନ ରହିଯାଇଛି ସରକାରଙ୍କ ଦୃଷ୍ଟି ଆଢୁଆଳରେ। ସେଥିମଧ୍ୟରେ ରହିଛି ଛେଣ୍ଡିପଦା ବ୍ଲକ ଜରପଡା ଥାନା ଦୁର୍ଗାପୁର ଗ୍ରାମ ମଠମୁଣ୍ଡିଆ ପାହାଡ ଉପରେ ଥିବା ମା ବନଦୁର୍ଗାଙ୍କ ପୀଠ। ଜଙ୍ଗଲ ପାହାଡ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ମନ୍ଦିରରେ ବର୍ଷ ତମାମ ଶ୍ରଦ୍ଧାଳୁଙ୍କ ଭିଡ ଜମୁଥିଲେ ହେଁ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରାଯାଉ ନ ଥିବାରୁ ଅସନ୍ତୋଷ ଉପୁଜୁଛି।

ମଠମୁଣ୍ଡିଆ ପାହାଡ ଉପରେ ରହିଛି ମା’ ଅପରାଜିତା ବନଦୁର୍ଗା ମନ୍ଦିର। ଜଙ୍ଗଲ ପାହାଡ ଘେରା ସୌନ୍ଦର୍ଯ୍ୟ ଏବଂ ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଏହି ଦେବୀ ପୀଠରେ ବର୍ଷର ସବୁ ସମୟରେ ଯାତ୍ରୀ ତଥା ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହି ପାହାଡ ପାଦଦେଶରେ ରହିଛି ଜମେଇଝରଣ ଜଳସେଚନ ପ୍ରକଳ୍ପ। ପିକନିକ ଋତୁ ତଥା ନୂଆବର୍ଷ ପାଳନ କରିବା ପାଇଁ ଏହି ପୀଠ ଚଳଚଞ୍ଚଳ ହୋଇଥାଏ। ଏହା ସତ୍ତ୍ୱେ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରାଯାଉ ନ ଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ବିଧାୟକ, ସମ୍ବଲପୁର ଏମ୍‌ପି, ଅନୁଗୋଳ ଜିଲାପାଳଙ୍କୁ ମଧ୍ୟ ଲିଖିତ ଭାବେ ଜଣାଯାଇଥିଲେ ହେଁ କେହି ଦୃଷ୍ଟି ଦେଉ ନ ଥିବା ମନ୍ଦିର ପରିଚାଳନା କମିଟି ମୁଖ୍ୟ ଅକ୍ଷୟ କୁମାର ପଟ୍ଟନାୟକ, କେଦାରନାଥ ପ୍ରଧାନ, ଜୟଦେବ ବୁର୍ଗୀ, ଅସିତ କୁମାର ପଟ୍ଟନାୟକ, ରାମଚନ୍ଦ୍ର ସାହୁ, କନ୍ଦର୍ପ ସାହୁ, ହୃଦାନନ୍ଦ ସାହୁ, କପିଳା ସାହୁ ପ୍ରମୁଖ ଅଭିଯୋଗ କରିଛନ୍ତି। ଉପରୋକ୍ତ ସ୍ଥାନକୁ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ଦୁର୍ଗାପୁର ପଞ୍ଚାୟତ ଟାଙ୍ଗିରିସାହି ଗ୍ରାମ ନିକଟସ୍ଥ ଦାନ୍ତିଆଣୀ ପାହାଡ, ଜେରେଙ୍ଗ ଦେହୁରୀ ସାହି ମା’ ବୁଢ଼ୀ ପାହାଡ ପାଦଦେଶରେ ଥିବା ଦେବାଦେବୀ ପୀଠ, କୋରଡା ପଞ୍ଚାୟତ ଝିଣ୍ଟିପାଳ ଗ୍ରାମରେ ଥିବା ବୀରେଶ୍ୱର ମହାଦେବ ଅଷ୍ଟଶମ୍ଭୁ ମନ୍ଦିର, ବାଲିପଟା ପଞ୍ଚାୟତ କିସିଣ୍ଡା ଗ୍ରାମ ନିକଟସ୍ଥ କାଶବାଶ ଜଳସେଚନ ପ୍ରକଳ୍ପ, ଟାଙ୍ଗୁଡିଆ ପଞ୍ଚାୟତ ବଡବେରେଣା ଜଙ୍ଗଲ ମଧ୍ୟରେ ଥିବା ଉଷ୍ମ ପ୍ରସ୍ରବଣ ଆଦି ସ୍ଥାନକୁ ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବାକୁ ସବୁ ଦାବି ହୋଇଛି।

## ସଂକ୍ଷେପରେ

### 'ନିଷ୍ଠା ରହିଲେ ଭଲ ସାହିତ୍ୟ ସୃଷ୍ଟି ହୁଏ'

**ଢେଙ୍କାନାଳ ଅଫିସ, ୨୨।୬:** ଢେଙ୍କାନାଳ ଗଣେଶ ବଜାରସ୍ଥିତ ପ୍ରଶାନ୍ତି ଭବନ ପରିସରରେ ସାହିତ୍ୟ ପତ୍ରିକା 'ବିଭାବନା' ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ମନୋରଞ୍ଜନ ନନ୍ଦ ଯୋଗଦେଇ କହିଲେ, ଓଡ଼ିଆ ଭାଷାସାହିତ୍ୟକୁ ଢେଙ୍କାନାଳର ଅବଦାନ ଅତୁଳନୀୟ। ସାଧନା ଓ ନିଷ୍ଠା ରହିଲେ ଭଲ ସାହିତ୍ୟ ସୃଷ୍ଟି ହୁଏ ବୋଲି ସେ ମତବ୍ୟକ୍ତ କରିଥିଲେ। ପୂର୍ବତନ କୃଷି ଉପନିର୍ଦ୍ଦେଶକ ଉମେଶ ଚନ୍ଦ୍ର ଦାସ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଧାପିକା ଡ. ପୁଷ୍ପଲତା ରଥ ବିଶିଷ୍ଟ ଲେଖକମାନଙ୍କ ସାହିତ୍ୟ କୃତୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଉମେଶ ଚନ୍ଦ୍ର ଦାସଙ୍କ ଲିଖିତ ପୁସ୍ତକ 'ମନ୍ଦିରମାଳିନୀ ଓଡ଼ିଶା'ର ସମୀକ୍ଷା କରାଯାଇଥିଲା। ଶିଳ୍ପୀ ପରେଶ ଚନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମମତା ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ସୁଶୀଲ ନନ୍ଦ, ବିଦ୍ୟାଧର ବାରିକ, ବୀରାଲକ୍ଷ୍ମୀ ରଣା, ନମିତା ମନୋହାରି, ବନଜା ମଞ୍ଜରୀ ଦାସ, ସୁମିତା ପଟ୍ଟନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅବସରରେ ଏକ ପ୍ରତିଭା ପରିଚୟ ପୁସ୍ତକ ପ୍ରକାଶନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି।

### କଳାରେ ଇପ୍‌ସିତା, ବାଣିଜ୍ୟରେ ରିଙ୍କି ଟପ୍ପର

**ଢେଙ୍କାନାଳ ଅଫିସ, ୨୨।୬:** ଢେଙ୍କାନାଳ ସରକାରୀ ମହିଳା କଲେଜ ଯୁକ୍ତ୨ ପରୀକ୍ଷା ଫଳ ଶନିବାର ପ୍ରକାଶିତ ହୋଇଛି। କଳାରେ ଇପ୍‌ସିତା ସାହୁ ଏବଂ ବାଣିଜ୍ୟରେ ରିଙ୍କି ବେହେରା କଲେଜ ଟପ୍ପର ହୋଇଛନ୍ତି। କଳାରେ ପରୀକ୍ଷା ଦେଇଥିବା ୧୨୦ ଛାତ୍ରୀଙ୍କ ମଧ୍ୟରୁ ୯୨ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ଶ୍ରେଣୀରେ ୩୪, ଦ୍ୱିତୀୟ ଶ୍ରେଣୀରେ ୨୫ ଓ ତୃତୀୟ ଶ୍ରେଣୀରେ ୩୩ ଜଣ ସ୍ଥାନ ପାଇଛନ୍ତି। ଇପ୍‌ସିତା ୬୦୦ରୁ ୪୭୭ ମାର୍କ ରଖି କଲେଜ ଟପ୍ପର ହୋଇଛନ୍ତ। ସେହିପରି ବାଣିଜ୍ୟରେ ପରୀକ୍ଷା ଦେଇଥିବା ସମସ୍ତ ୧୬ଜଣ ପାସ୍ କରିଛନ୍ତି। ପ୍ରଥମ ଶ୍ରେଣୀରେ ୨, ଦ୍ୱିତୀୟ ଶ୍ରେଣୀରେ ୬ ଏବଂ ତୃତୀୟ ଶ୍ରେଣୀରେ ୮ଜଣ କୃତକାର୍ଯ୍ୟ ହୋଇଛନ୍ତି। ରିଙ୍କି ୩୮୪ ମାର୍କ ରଖିଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଉଭୟ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି କଲେଜ ଅଧକ୍ଷ ଏବଂ ଅଧାପିକାଅଧାପକ।

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**କାମାକ୍ଷାନଗର, ୨୨।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ରହଣୀରେ ଶନିବାର ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଏଥିରେ ରୁପାବେଡ଼ା ଗ୍ରାମର ଯୁଧିଷ୍ଠିର ପଧାନ ଗୁରୁତର ହୋଇଛନ୍ତି। ବୀରାଶାଳରେ ହେଉଥିବା ଜଣେ ବନ୍ଧୁଙ୍କ ବିବାହ ଭୋଜିରେ ଯୋଗଦେବାକୁ ଯୁଧିଷ୍ଠିର ଯାଉଥିଲେ। ରହଣୀ ନିକଟରେ ଏକ ବସ୍ ହଠାତ୍ ତାଙ୍କୁ ଓଭରଟେକ୍ କରିଥିଲା। ଏଥିରେ ଭାରସାମ୍ୟ ହରାଇ ସେ ବାଇକ୍ ସହ ବିଲରେ ପଶିଯାଇଥିଲେ। ଗୁରୁତର ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ ସହାୟତାରେ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି।

■ଗଜ ସୁରକ୍ଷା ପାଇଁ ଆକ୍ସନ ପ୍ଲାନ୍

# ହାତୀ ଗତିବିଧି ଜଗିବ ଡ୍ରୋନ୍

**ଢେଙ୍କାନାଳ ଅଫିସ, ୨୨।୬**





■୬ମାସରେ ଟ୍ରେନ୍ ଧକ୍କାରେ ମଲେଣି ୨ ହାତୀ

■ଭୂତଳ ରାସ୍ତା ପାଇଁ ସରକାରଙ୍କୁ ଦିଆଯିବ ପ୍ରସ୍ତାବ

ହାତୀ ପାଇଁ ସାରା ଦେଶରେ ନାଁ କରିଛି ଢେଙ୍କାନାଳ। ରାଜ୍ୟରେ ସାତକୋଶିଆ ପରେ ହାତୀସଂଖ୍ୟାରେ ଜିଲାକୁ ମିଳିଛି ଦ୍ୱିତୀୟ ସ୍ଥାନ। ଅନ୍ୟପଟେ ଜିଲାର ସଂରକ୍ଷିତ ଜଙ୍ଗଲ ତଳି ଅଞ୍ଚଳରେ ହାତୀ–ମଣିଷ ମଧ୍ୟରେ ଚାଲିଥିବା ଅହରହ ସଂଘର୍ଷ ପାଇଁ ଅପବାଦ ମଧ୍ୟ କମ୍ ନୁହେଁ। ଖାସ୍ କରି ଟ୍ରେନ୍ ଧକ୍କା, ବିଦ୍ୟୁତ୍ ଆଘାତରେ ହାତୀମୃତ୍ୟୁ ସଂଖ୍ୟା ଏବେ ବନ ବିଭାଗ ପାଇଁ ଚିନ୍ତାର କାରଣ ପାଲଟିଛି। ଏହାକୁ ରୋକିବାକୁ ବନ ବିଭାଗ ଆକ୍ସନ ମୁଡ୍‌ରେ। ଏଣିକି ହାତୀ ଚଳପ୍ରଚଳ କରୁଥିବା ରେଳଧାରଣା ନିକଟବର୍ତ୍ତୀ ଅଞ୍ଚଳର ଡ୍ରୋନ୍ ସ୍କାନରରେ ରହିବ। ସେହିପରି ହାତୀ ଯାତାୟତ ପାଇଁ ରେଲ୍‌ୱେ ଟ୍ରାକ୍ ଭୂତଳ ରାସ୍ତା (ଅଣ୍ଡରପାସ୍) ବ୍ୟବସ୍ଥା କରାଯିବାକୁ ପ୍ରସ୍ତାବ ଦିଆଯିବାକୁ ନିଷ୍ପତ୍ତି ହୋଇଛି।

ଢେଙ୍କାନାଳ ସଦର ରେଞ୍ଜ୍ ଅଧୀନ ପଶାସିଂହ–କାଉଁରିଆପାଳ ମଧ୍ୟରେ ଥିବା ରେଳଧାରଣା ପାର ହେଉଥିବା ବେଳେ ଚଳିତ ୨୦ ତାରିଖରେ ମାଲବାହୀ ଟ୍ରେନ୍ ଧକ୍କାରେ ଏକ ମାଈ ହାତୀର ଜୀବନ ଯାଇଥିଲା। ଏଥିପାଇଁ ନିଜ ମୁଣ୍ଡକୁ ଦୋଷ ନେଇଥିଲା ବନ ବିଭାଗ। ଖୋର୍ଦ୍ଧାସ୍ଥିତ ପୂର୍ବତଟ ରେଲୱେ ଡିଭିଜନ କାର୍ଯ୍ୟାଳୟକୁ କସନ ନୋଟିସ୍ ପଠାଯାଇ ନ ଥିବାରୁ ରେଳ ଧାରଣା ନିକଟରେ ଥିବା ହାତୀପଲ ସମ୍ପର୍କରେ ଡ୍ରାଇଭର ସୂଚନା ପାଇ ପାରି ନ ଥିଲେ। ଟ୍ରେନ୍ ବେଗ ନିୟନ୍ତ୍ରଣ କରାଯାଇ ନ ଥିଲା। ଫଳରେ ଟ୍ରେନ୍ ସହ ପିଟି ହୋଇ ଉକ୍ତ ମାଈ ହାତୀ ପ୍ରାଣ ହରାଇଥିଲା। ଗତ ୬ମାସ ମଧ୍ୟରେ ରେଳ ଦୁର୍ଘଟଣାରେ ୨ହାତୀଙ୍କ ମୃତ୍ୟୁ ପରେ ବନ ବିଭାଗର ଚେତା ପଶିଛି।

ବିଶେଷ କରି ସଦର ରେଞ୍ଜ ଗଦାଶିଳାଠାରୁ ମେରାମଣ୍ଡଳୀ ମଧ୍ୟରେ ୭୦ରୁ ଉର୍ଦ୍ଧ୍ୱ ହାତୀ ଅଧିକାଂଶ ସମୟରେ ଚଳପ୍ରଚଳ କରୁଛନ୍ତି। ଉକ୍ତ ବ୍ୟସ୍ତବହୁଳ ରେଳପଥରେ ଢେଙ୍କାନାଳ–ତାଳଚେର, ଅନୁଗୋଳ–ସମ୍ବଲପୁରକୁ ବହୁସଂଖ୍ୟାରେ ମାଲ୍‌ଗାଡି, ଯାତ୍ରୀବାହୀ ଟ୍ରେନ୍ ଯାତାୟାତ କରୁଛନ୍ତି। ଉକ୍ତ ରେଳଲାଇନ୍ ହାତୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ସମ୍ପୃକ୍ତ ଅଞ୍ଚଳରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବାକୁ ୨ଟି ଡ୍ରୋନ୍ କ୍ୟାମେରା ବ୍ୟବହାର କରାଯିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ସେଥିରୁ ଗୋଟିଏ ଗଦାଶିଳା ଏବଂ ଅନ୍ୟଟି ମେରାମଣ୍ଡଳୀ ଅଞ୍ଚଳରେ ମୁତୟନ ହେବ। ଡ୍ରୋନ୍ କ୍ୟାମେରାରେ ହାତୀପଲ ଗତିବିଧିକୁ ଅନୁଧ୍ୟାନ କରି ତଦନୁଯାୟୀ ରେଲୱେ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ। ସେହିପରି ଗଦାଶିଳା–ମେରାମଣ୍ଡଳୀ ମଧ୍ୟରେ ହାତୀପଲ ପାର ହେଉଥିବା ରେଳଧାରଣା ଅଞ୍ଚଳରେ ଅଣ୍ଡରପାସ୍ ରାସ୍ତା ନିର୍ମାଣ ପାଇଁ ମଧ୍ୟ ରେଲୱେ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦିଆଯିବ। ଏଥି ଲାଗି ସର୍ଭେ କରାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ସଦାଶିବପୁର ରେଳ ଷ୍ଟେଶନ ଆଖପାଖ ଅଞ୍ଚଳରେ ହାତୀପଲକୁ ରେଳଧାରଣାରୁ ଦୂରେଇ ରଖିବାକୁ କାର୍ଯ୍ୟକାରୀ ହୋଇଥିବା 'ହନି ବି ସାଉଣ୍ଡ୍ ପାଇଲଟ୍ ପ୍ରୋଜେକ୍ଟ' (କୃତ୍ରିମ ଉପାୟରେ ମହୁମାଛି ଭଳି ଶବ୍ଦ ସୃଷ୍ଟି କରିବା) ଫେଲ୍ ମାରିଛି। ସଦର ରେଞ୍ଜରେ ହାତୀଙ୍କ ସମାଗମ ବନ ବିଭାଗର ନିଦ ହଜାଇଦେଇଛି। ଏହାପରେ ଉଭୟ ହାତୀ ଏବଂ ମଣିଷଙ୍କ ସୁରକ୍ଷା ଲାଗି ଆରମ୍ଭ ହୋଇଛି କସରତ।

ଏ ସଂକ୍ରାନ୍ତରେ ଡିଏଫ୍‌ଓ ସୁଦର୍ଶନ ପାତ୍ର କୁହନ୍ତି, ସଦର, ହିନ୍ଦୋଳ, ମହାବିରୋଡ ଓ କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ୍‌ରେ ହାତୀ–ମଣିଷ ସଂଘର୍ଷ ବଢ଼ିବାରେ ଲାଗିଛି। ଏହା ବନ ବିଭାଗ ପାଇଁ ଚିନ୍ତାର କାରଣ ହୋଇଛି। ସଦର ରେଞ୍ଜ୍ ଗଦାଶିଳାରୁ ମେରାମଣ୍ଡଳୀ ମଧ୍ୟରେ ଅଧିକାଂଶ ସମୟରେ ହାତୀପଲ ରେଳ ଧାରଣା ପାର ହେଉଛନ୍ତି। ସେମାନଙ୍କ ଗତିବଧି ଉପରେ ନଜର ରଖିବାକୁ ଡ୍ରୋନ୍ କ୍ୟାମେରା ବ୍ୟବସ୍ଥା ଏବଂ ରେଳଧାରଣା ତଳେ ଅଣ୍ଡରପାସ୍ ରାସ୍ତା ନିର୍ମାଣ କରିବାକୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

# ପାଇଖାନା ଟାଙ୍କିରୁ ହାତୀ ଛୁଆ ଉଦ୍ଧାର



ମା' ହାତୀ ଛୁଆକୁ ଉଦ୍ଧାର କରିବାକୁ ଉଦ୍ୟମ କରୁଛି।



ବନ ବିଭାଗ ସହାୟତାରେ ଶାବକକୁ ଉଦ୍ଧାର କରାଯାଉଛି।

**ପରଜଙ୍ଗ, ୨୨।୬(ଡି.ଏନ.ଏ.)**

■ମା' ଦେଖାଇଲା ଦରଦ

■ଶାବକକୁ ଜଗି ରହିଲା

■ଉଦ୍ଧାର କଲା ବନ ବିଭାଗ

ମା'ର ବିକଳ୍ପ ନାହିଁ। ସେ ବନ୍ୟଜନ୍ତୁ ହେଉ କି ମଣିଷ। ମା'ର ମମତା ଆଗରେ ସବୁ କିଛି ଫିକା ଫିକା ଲାଗେ। ଛୁଆ ହାତୀ ଏବଂ ମା' ମଧ୍ୟରେ ଅନାବିଳ ସମ୍ପର୍କର ଏପରି ନମୁନା ଦେଖିବାକୁ ମିଳିଛି ପରଜଙ୍ଗ ବ୍ଲକ ସାଆନ୍ଦା ବିଟ୍ ଅଧୀନ ତଳବେରେଣା ଗ୍ରାମରେ। ଶୌଚାଳୟ ଟାଙ୍କିରେ ଖସିପଡ଼ିଥିବା ଶାବକ ପାଇଁ ମା' ହାତୀର ବ୍ୟାକୁଳତା ଦେଖିବାକୁ ଅଞ୍ଚଳବାସୀ ଜମାଇଥିଲେ ଭିଡ଼।

ଶନିବାର ଭୋର୍ ସମୟରେ ଗ୍ରାମର ପ୍ରମୋଦ ପାଳଙ୍କ ଘର ପଛପଟେ ଥିବା ପାଇଖାନା ଟାଙ୍କିରେ ଉକ୍ତ ମା'ହାତୀ ଏବଂ ଶାବକ ଖସିପଡ଼ିଥିଲେ। କୌଣସିମତେ ମା' ବାହାରକୁ ବାହାରିବାରେ ସକ୍ଷମ ହୋଇଥିବାବେଳେ ଟାଙ୍କି ଭିତରେ ଫସି ରହିଥିଲା ଶାବକ। ପରିବାର ଲୋକଙ୍କଠାରୁ ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ଟାଙ୍କିର ଗୋଟିଏ ପାର୍ଶ୍ୱକୁ ତାଡ଼ି ଶାବକକୁ ଟେକି ଉଦ୍ଧାର କରିଥିଲେ। ଛୁଆ ଉଦ୍ଧାର ନ ହେବା ଯାଏ ମା'ହାତୀ ଟାଙ୍କି ପାଖରେ ଧୀରସ୍ଥିର ହୋଇ ଛିଡ଼ା ହୋଇ ରହିଥିଲା। ସାମାନ୍ୟତମ ହିଂସ୍ର ଆଚରଣ ପ୍ରଦର୍ଶନ କରି ନ ଥିଲା। ଏଥିରୁ ସଙ୍କଟରେ ପଡ଼ିଥିବା ଶାବକ ପାଇଁ ବାରି ହୋଇପଡ଼ିଥିଲା ମା'ର ଦରଦ। ଉଦ୍ଧାର ପରେ ଉଭୟେ ଜଙ୍ଗଲକୁ ପଳାଇଥିଲେ।

ରେଞ୍ଜର ହରମୋହନ ନାୟକ, ଫରେଷ୍ଟର ରାମଚନ୍ଦ୍ର ରାଉତ, ହାତୀ ସ୍କ୍ୱାଡ୍ କର୍ମଚାରୀ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ତେବେ ଅଞ୍ଚଳରେ ହାତୀପଲ ବିଚରଣ କରୁଥିବାରୁ ଭୟର ବାତାବରଣ ସୃଷ୍ଟି ହୋଇଛି।

■ଶହୀଦଙ୍କ ପରିବାରକୁ ଭେଟିଲେ ଏମ୍‌ପି

# ଅଜିତଙ୍କ ନାମରେ ହେବ ଖେଳପଡ଼ିଆ

**କାମାକ୍ଷାନଗର, ୨୨।୬(ଡି.ଏନ୍.ଏ.)**



ଏମ୍‌ପି ମହେଶ ସାହୁ ଶହୀଦଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି।

■କଫିନ୍‌ରେ ବିଜେଡି ପତାକା ଘୋଡ଼ାଯିବା ନିନ୍ଦନୀୟ

■ଆତଙ୍କବାଦ ଦମନରେ କେନ୍ଦ୍ର ଆଭିମୁଖ୍ୟ ଦୃଢ଼ ହେଉ

ଅନନ୍ତନାଗ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଶହୀଦ ଅଜିତ ସାହୁଙ୍କ ପରିବାରକୁ ଶନିବାର ଅପରାହ୍ନରେ ଭେଟିଛନ୍ତି ଏମ୍‌ପି ମହେଶ ସାହୁ। ଏପରି କଷ୍ଟକର ସମୟରେ ସମସ୍ତେ ପରିବାର ସହ ଅଛନ୍ତି ବୋଲି ସେ ଶୋକସନ୍ତପ୍ତ ମା' ବାପା ଏବଂ ଅନ୍ୟ ସମ୍ପର୍କୀୟଙ୍କୁ ଆଶ୍ୱାସନା ଦେଇଛନ୍ତି। ଶହୀଦ୍ ଅଜିତ୍‌ଙ୍କ ସ୍ମୃତିରକ୍ଷା ପାଇଁ ଗ୍ରାମ ଖେଳପଡ଼ିଆକୁ ତାଙ୍କ ନାମରେ ନାମିତ କରାଯିବ। ପଡ଼ିଆର ଉନ୍ନତୀକରଣ ସହ ସେଠାରେ ଅଜିତଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିପାଇଁ ଆବଶ୍ୟକ ଖର୍ଚ୍ଚ ଏମ୍‌ପିଙ୍କ ହାତପାଣ୍ଠିରୁ କରାଯିବ ବୋଲି ମହେଶ ପ୍ରତିଶ୍ରୁତି ଦେଇଛନ୍ତି।

ଶହୀଦଙ୍କ କଫିନ୍‌ରେ ବିଜେଡି ପତାକା ଘୋଡ଼ାଯିବା ଘଟଣାକୁ ଏମ୍‌ପି ତୀବ୍ର ନିନ୍ଦା କରିଛନ୍ତି। ମରଶରୀରରେ ଜାତୀୟ ପତାକା ଉପରେ ଦଳୀୟ ପତାକା ପଡ଼ିବା ନିନ୍ଦନୀୟ। କୌଣସି ବ୍ୟକ୍ତି ଭାବପ୍ରବଣ ହୋଇ ଏପରି କାର୍ଯ୍ୟ କରିଥାଇପାରନ୍ତି ବୋଲି ସେ କହିଛନ୍ତି। ସେହିପରି ଦେଶରେ ବଢୁଥିବା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ସେ ଭାଜପା ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ସେ କହିଛନ୍ତି, କେନ୍ଦ୍ରରେ ଏନ୍‌ଡିଏ ଶାସନ କାଳରେ ଅଜିତଙ୍କ ଭଳି ୪୭୦ ଯବାନ ଶହୀଦ ହୋଇଛନ୍ତି। ଆତଙ୍କବାଦୀ କାର୍ଯ୍ୟକଳାପ ରୋକିବା ଦିଗରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ଆହୁରି ଦୃଢ଼ ହେଉ। ଏ ଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି।

ଏମ୍‌ପିଙ୍କ ଏହି ଗସ୍ତ ସମୟରେ ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟଙ୍କ ରାଷ୍ଟ୍ରୀୟ ସମ୍ପର୍କ ଅଧିକାରୀ ମାତୃପ୍ରସାଦ ମିଶ୍ର, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡ଼ା, ପରଜଙ୍ଗ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ, ସରପଞ୍ଚ ପଠାଣି ସାମନ୍ତ ଖୁଣ୍ଟିଆ, ସମିତିସଭ୍ୟ ରଶ୍ମିରଞ୍ଜନ ଖୁଣ୍ଟିଆ, ବାରୁଆଁ (କା) ସମିତିସଭ୍ୟ ଦୀପକ ମାହୁନ୍ତ, ଯୁବନେତା ଲିକୁ ନାୟକ, ମଦନ ବେହେରା, ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ ନିର୍ଦ୍ଦେଶ

**କେନ୍ଦୁଝର, ୨୨।୬ (ସ୍ୱ.ପ୍ର.)**

ଜିଲା ସୁରକ୍ଷା କମିଟିର ବୈଠକ ଶନିବାର ଜିଲାପାଳ ଆଶିଷ ଠାକ୍‌ରେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାସ୍ତା ଦୁର୍ଘଟଣା ରୋକିବା ଉପରେ ଆଲୋଚନା କରାଯାଇଥିଲା। ଦୈନିକ ଦୁର୍ଘଟଣା ବୃଦ୍ଧି ପାଉଥିବାରୁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା । ଏହାକୁ ରୋକିବା ପାଇଁ ସମାଜର ସମସ୍ତ ବର୍ଗର ଲୋକଙ୍କ ସହଯୋଗ କାମନା କରାଯାଇଥିଲା। ଏସପି ଜେ.ଏନ.ପଙ୍କଜ (ଡିଆଇଜି) ଉଦ୍‌ବୋଧନ ଦେଇ ବେପରୁଆ ଓ ମଦ୍ୟପାନ କରି ଗାଡିଚାଳନା କରୁଥିବାରୁ ରାସ୍ତାରେ ଦୁର୍ଘଟଣା ବଢୁଛି ବୋଲି କହିଥିଲେ। ଆରଟିଓ ନିର୍ମଳ କୁମାର ମହାନ୍ତି ଆସନ୍ତା ୩ ବର୍ଷର କାର୍ଯ୍ୟଖସଡା ପ୍ରସ୍ତୁତ କରି କିପରି ସଚେତନତା କାର୍ଯ୍ୟକ୍ରମକୁ ଅଧିକ ସୃଦୃଢ ଓ ସୁଦୂରପ୍ରସାରୀ କରାଯାଇପାରିବ ସେ ବିଷୟରେ କହିଥିଲେ। ଦୁର୍ଘଟଣା ପ୍ରବଣ ସ୍ଥାନ ଗୁଡିକୁ ଚିହ୍ନଟ କରିବାକୁ ଏନଏଚଏଆଇ, ଏନଏଚ, ପୂର୍ତ୍ତ ଓ ଆରଡି ବିଭାଗ ଓ ଅନ୍ୟ ବିଭାଗକୁ ଆଦେଶ କରାଯାଇଛି । ସହର ଉପକଣ୍ଠ ଦୁର୍ଘଟଣା ପ୍ରବଣ ସ୍ଥାନରେ ରେଡଲାଇଟ, ସ୍ପିଡ ଓ ସିସିଟିଭି ଆଦି କ୍ୟାମେରା ଲଗାଇବାକୁ ଆଲୋଚନା ହୋଇଛି । ନିଶାସକ୍ତ ଅବସ୍ଥାରେ ଗାଡି ନ ଚଳାଇବା, ରୋକିବା ପାଇଁ ଗାଡି ଚାଳକଙ୍କୁ ପରୀକ୍ଷା କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଟ୍ରାଫିକ ନିୟମକୁ କଡାକଡି ପାଳନ କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

■ଜବରଦଖଲ ଉଚ୍ଛେଦରେ ପକ୍ଷପାତିତା ଅଭିଯୋଗ

# ଉପଜିଲାପାଳଙ୍କୁ ଦାବିପତ୍ର ଦେଲା ଭାଜପା



ଜିଲାପାଳଙ୍କୁ ଦାବିପତ୍ର ଦେବା ଅବସରରେ ଭାଜପା କର୍ମକର୍ତ୍ତାମାନେ।

**କାମାକ୍ଷାନଗର, ୨୨।୬(ଡି.ଏନ୍.ଏ.)**

କାମାକ୍ଷାନଗର ଏନ୍‌ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ ବେଳେ ପକ୍ଷପାତିତା କରାଯାଇଥିବା ଅଭିଯୋଗ ଆଣିଛି ଭାଜପା। ଏ ନେଇ ଶନିବାର ଦଳୀୟ ପ୍ରତିନିଧି ଉପଜିଲାପାଳ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଚଳିତ ୧୮ ତାରିଖରେ ଏନ୍‌ଏସି ପକ୍ଷରୁ ରାସ୍ତା ଉପରେ ଥିବା ବେଆଇନ ନିର୍ମାଣକୁ ଜେସିବି ସହାୟତାରେ ହଟାଯାଇଥିଲା। ଏଥିରେ ସବୁଠାରୁ ବେଶି କ୍ଷତିଗ୍ରସ୍ତ ହୋଇଛନ୍ତି କ୍ଷୁଦ୍ର ବ୍ୟବସାୟୀ। ସେମାନଙ୍କ ରୋଜଗାରର ମାଧ୍ୟମ ବନ୍ଦ ହୋଇଯାଇଛି। ଉଚ୍ଛେଦ ପ୍ରକ୍ରିୟାରୁ ବଡ଼ ବଡ଼ ବ୍ୟବସାୟୀଙ୍କୁ ବାଦ୍ ଦିଆଯାଇଛି। ରାସ୍ତା ପାର୍ଶ୍ୱ ଜାଗା ଜବରଦଖଲ କରି ବ୍ୟବସାୟୀ କରୁଥିବାବେଳେ ସେମାନଙ୍କୁ କୋହଳ ମନୋଭାବ ପ୍ରଦର୍ଶନ କରାଯାଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଗତଦିନରେ ଡାକ୍ତରଖାନା ସମ୍ମୁଖରେ ଥିବା ମାର୍କେଟ କମ୍ପ୍ଲେକ୍ସରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ବ୍ୟବସାୟୀମାନେ ଉକ୍ତ ସ୍ଥାନକୁ ପୁଣିଥରେ ଅକ୍ତିଆର କରିସାରିଲେଣି। ୫୩ନଂ. ଜାତୀୟ ରାଜପଥର ତାରିଣୀ ମନ୍ଦିର ନିକଟରେ ନିର୍ମାଣାଧୀନ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ବିଳମ୍ବିତ ହେଉଛି। ଏ ଦିଗରେ ପ୍ରଶାସନ କିମ୍ବା ଏନ୍‌ଏସି କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି। ଆଗାମୀ ଦିନରେ ଏହାକୁ ବିରୋଧ କରି ଆନ୍ଦୋଳନ କରାଯିବ ବୋଲି ଭାଜପା ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ଅଶ୍ୱିନୀ ମହାପାତ୍ରଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ସନ୍ଦୀପ ପଟ୍ଟନାୟକ, ସଞ୍ଜୀବ ମିଶ୍ର, ରଞ୍ଜିତ ସାହୁ, ଶେଷରଞ୍ଜନ ନାୟକ, କାବୁଲି ପ୍ରଧାନ, ଦେବେଶ ନାୟକ, ମୀନକେତନ ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଢେଙ୍କାନାଳ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ୧୯୬୯ ବ୍ୟାଚ୍ ଛାତ୍ରଛାତ୍ରୀମାନେ 'ମୋ ସ୍କୁଲ ଅଭିଯାନ' ଆନୁକୂଲ୍ୟରେ ୮୦ହଜାର ଟଙ୍କା ସହାୟତା ସଂଗ୍ରହ କରିଛନ୍ତି। ଉକ୍ତ ସହାୟତା ରାଶିକୁ ଆଲୁମ୍ନି ଆସୋସିଏସନ ସଭାପତି ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ସମେତ ଅନ୍ୟମାନେ 'ମୋ ସ୍କୁଲ ଅଭିଯାନ'ର ଅଧିକାରୀଙ୍କୁ ପ୍ରଦାନ କରୁଛନ୍ତି।



ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଅଜିତ ସାହୁଙ୍କ ସ୍ମୃତିରେ ଶନିବାର ସନ୍ଧ୍ୟାରେ ଭୁବନ ବ୍ଲକ ସୁରପ୍ରତାପପୁର ଗ୍ରାମରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଗ୍ରାମବାସୀ ମା' ଭୈରବୀଙ୍କ ପୀଠରୁ ବାହାରି ନଗର ପରିକ୍ରମା କରିବା ସହ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ।

## ସଂକ୍ଷେପରେ

### ଗାଁ ପାଖ ଛାଡୁନାହାନ୍ତି ହାତୀପଲ

**ଔପଦା, ୨୨।୬(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ଗଡ଼ସାହି ପଞ୍ଚାୟତର ଗଡ଼ସାହି ଗ୍ରାମରେ ହାତୀ ଉପଦ୍ରବ ଥମିବାରେ ନାଁ ଧରୁନି। ଗତ ୪/୫ଦିନ ହେବ କୁଲଡ଼ିହା ଅଭୟାରଣ୍ୟରୁ ହାତୀମାନେ ପାହାଡ଼ ତଳକୁ ଆସି ରାତିରେ ଆଦିବାସୀ ଅଧୁଷିତ ଗଡ଼ସାହି ଗ୍ରାମରେ ପଶି ଛଣଛପର, ଝାଟିମାଟି ଘରୁ, ଡୋଲିରୁ, ବସ୍ତାରୁ ଚାଉଳ, ଆମ୍ବଟୋଇରୁ ପାଚିଲା ଆମ୍ବ, ଖମ୍ବଆଳୁ ଆଦି ଖାଇବା ସହ ପନିପରିବା କ୍ଷେତ ମାଡ଼ି ଦଳି ଦେଉଛନ୍ତି। ଗ୍ରାମବାସୀ ବାଣ ଫୁଟାଇବା ସହ ଘଣ୍ଟା ପିଟି ଶବ୍ଦ କରି ହାତୀ ଘଉଡ଼ାଇବାକୁ ଚେଷ୍ଟା କଲେ ମଧ କିଛି ଫଳ ହେଉନି। ହାତୀପଲ ଗାଁ ଛାଡି ଯାଉ ନ ଥିବାରୁ ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଏପରିକି ଗ୍ରାମବାସୀ ହାତୀ ଉପରକୁ ଠେଙ୍ଗା ବାଡ଼ି ଫିଙ୍ଗିଲେ ସେମାନେ ଶୁଣ୍ଢରେ ଠେଙ୍ଗାବାଡ଼ି ନେଇ ଖେଳୁଛନ୍ତି ବୋଲି ଗ୍ରାମର ବାବୁ ମଢ଼େଇ, ଭାସ୍କର ସେନାପତି, ନଟବର ଗିରି, ଦୁର୍ଯ୍ୟୋଧନ ଖେଜୁରିଆ ପ୍ରମୁଖ କହିଛନ୍ତି। ଅନ୍ୟପକ୍ଷରେ ବନବିଭାଗ ମଧ ହାତୀ ଘଉଡ଼ାଇବାରେ ନାକେଦମ୍ ହେଉଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଗ୍ରାମବାସୀ ହାତୀ ଉପଦ୍ରବର ସ୍ଥାୟୀ ପ୍ରତିକାର ପାଇଁ ସ୍ଥାନୀୟ ଔପଦାସ୍ଥ ବନବିଭାଗ ରେଞ୍ଜ କାର୍ଯ୍ୟାଳୟରେ ଦାବି କରିଛନ୍ତି।

### ଚୋରା ମଦ ବିକ୍ରିକୁ ବିରୋଧ

ସୋର, ୨୨।୬(ଡି.ଏନ.ଏ.)
ସୋର ଥାନା ବାଲଙ୍ଗ ପଞ୍ଚାୟତ ଅନ୍ତର୍ଗତ ବୁଢ଼ାଆଳି ଗ୍ରାମରେ ଶନିବାର ଚୋରା ମଦ ବିକ୍ରିକୁ ବିରୋଧ କରି ସ୍ଥାନୀୟ ମହିଳା ମଦ ବେପାରୀଙ୍କ ଘରେ ପଶି ମଦ ଜବତ କରିଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚିବା ପରେ ଏହି ମହିଳାଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା। ପୋଲିସ ବେପାରୀ ହାଁସଦାଙ୍କ ଅଟକ ରଖି ଘଟଣାର ତଦନ୍ତ କରୁଛି। ଏହି ଗ୍ରାମର ତେଢ଼େ ହାଁସଦା ଦୀର୍ଘଦିନ ଧରି ଚୋରା ମଦ ବେପାର କରିଆସୁଥିଲେ। ଏନେଇ ଗ୍ରାମବାସୀ ସୋର ପୋଲିସ ଓ ଅବକାରୀ ବିଭାଗକୁ ଜଣାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିଲା। ବାଧ ହୋଇ ଗୋଟିଏ ଗୋଷ୍ଠୀ ମଦ ଜବତ କରିଥିବା ବେଳେ ବେପାରୀ ସହ ଗଣ୍ଡଗୋଳ ହୋଇଥିଲା।

### ୪ ମାସ ପରେ ଫେରିଥିବା ଆମ୍ବୁଲାନ୍ସ ପୁଣି ଅଚଳ

ଖଇରା, ୨୨।୬(ଡି.ଏନ.ଏ.)
ଖଇରା ଗୋଷ୍ଠୀକେନ୍ଦ୍ରକୁ ପ୍ରଦାନ କରାଯାଇଥିବା ଆମ୍ବୁଲାନ୍ସ ଗତ ୫ଦିନ ହେଲା ଅଚଳ ହୋଇ ରାସ୍ତାକଡରେ ପଡିଥିବାରୁ ରୋଗୀମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଉକ୍ତ ୧୦୮ ଆମ୍ବୁଲାନ୍ସରେ ବାରମ୍ବାର ତ୍ରୁଟି ଦେଖାଯିବା ପରେ ମରାମତି ପାଇଁ ପଠାଇ ଦିଆଯାଇଥିଲା । ୪ମାସ ପରେ ଅର୍ଥାତ ୧୫ ତାରିଖରେ ଖଇରା ଫେରିଥିଲା । ପୁଣି ଗତ ୧୭ତାରିଖରୁ ଏହା ଅଚଳ ହୋଇ କୋଚିଆକୋଇଲିଠାରେ ସୋର-କୁପାରୀ ରାସ୍ତାକଡରେ ଦୟନୀୟ ଭାବେ ପଡିରହିଛି। ଅନ୍ୟପକ୍ଷରେ ବର୍ତ୍ତମାନ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ୧୦୨ ଆମ୍ବୁଲାନ୍ସର ଅଭାବ ଥିବା ବେଳେ ୧୦୮ର ଏଭଳି ଦୁରାବସ୍ଥା ଯୋଗୁ ଜନଅସନ୍ତୋଷ ବଢିବାରେ ଲାଗିଛି। ଏ ସମ୍ପର୍କରେ ୧୦୮ର ଡ୍ରାଇଭର ପ୍ରଶାନ୍ତ ବେହେରାଙ୍କୁ ପଚାରିବାରେ ମରାମତି ପାଇଁ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ସାରିଥିବା କହିଛନ୍ତି।

### ବିଦ୍ୟୁତ୍ ଆଘାତରେ ଜଣଙ୍କର ମୃତ୍ୟୁ

ଜଳେଶ୍ୱର, ୨୨।୬(ଡି.ଏନ.ଏ.)
ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ନେତୁଆ ପଞ୍ଚାୟତ କପାସୁଦା ଗ୍ରାମର ହିମାଂଶୁ ଶେଖର ଭୂୟାଁ(୪୮) ଶନିବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ଜଳେଶ୍ୱର ପୋଲିସ ତାଙ୍କ ମୃତଦେହକୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା (ନଂ.୧୩/୧୯) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। ହିମାଂଶୁଙ୍କ ଆକସ୍ମିକ ମୃତ୍ୟୁକୁ ନେଇ ସମ୍ପୃକ୍ତ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି।

# ବିପଦସଙ୍କୁଳ ରାମିଆଳ ସେତୁ

**କାମାକ୍ଷାନଗର, ୨୨।୬(ଡି.ଏନ୍.ଏ.)**



ରାମିଆଳ ସେତୁ।

■ସାମାନ୍ୟ ବର୍ଷାରେ ଜମୁଛି ପାଣି
■ବଢୁଛି ଦୁର୍ଘଟଣା, ଯାତ୍ରୀ ଭୋଗୁଛନ୍ତି ଦୁର୍ଦ୍ଦଶା

କାମାକ୍ଷାନଗର ସଦରରୁ ପରଜଙ୍ଗକୁ ସଂଯୋଗ କରୁଥିବା ୫୩ନଂ. ଜାତୀୟ ରାଜପଥର ଆଳତୁମାଠାରେ ରାମିଆଳ ନଦୀ ଉପରେ ନିର୍ମାଣ ସେତୁ ବିପଦସଙ୍କୁଳ ହୋଇପଡ଼ିଛି। ଖାଲଖମାରେ ଭର୍ତ୍ତି ହୋଇ ପଡ଼ିଥିବା ବ୍ରିଜ୍ ମରଣଯନ୍ତା ପାଲଟିଛି। ସାମାନ୍ୟ ବର୍ଷାରେ ସେତୁ ଉପରେ ଜମିରହୁଛି ପାଣି। ଯାତ୍ରୀମାନେ ନାହିଁ ନ ଥିବା ସମସ୍ୟା ଭୋଗୁଥିବାବେଳେ ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ରକ୍ଷଣାବେକ୍ଷଣ ଅଭାବରୁ ରାମିଆଳ ବ୍ରିଜ୍ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ସେତୁରେ ସୃଷ୍ଟି ହୋଇଥିବା ଗର୍ତ୍ତରେ ବର୍ଷାପାଣି ଭର୍ତ୍ତି ହୋଇରହୁଛି। ବାଇକ୍ ଏବଂ ସାଇକେଲ ଆରୋହୀ ଜାଣି ନ ପାରି ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗାଡ଼ି ଯାତାୟାତ ବେଳେ ପଥଚାରୀଙ୍କ ଉପରେ ପାଣି ଛିଟିକି ପଡୁଛି। କାମାକ୍ଷାନଗରରୁ ଯାଜପୁର ଏବଂ ଅନୁଗୋଳ ଯିବାକୁ ଏହି ରାସ୍ତା ପ୍ରମୁଖ ମାଧ୍ୟମ। ଏହି ବାଟ ଦେଇ ଦୈନିକ ଶତାଧିକ ବସ, ଭାରିଯାନ ଚଳାଚଳ କରିଥାଏ। ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ (ଏନ୍ଏଚ୍ଏଆଇ) ଏହାର ମରାମତି ଦିଗରେ ଧ୍ୟାନ ଦେଉ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଛି।

ଏ ନେଇ କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କୁହନ୍ତି, ଏନ୍ଏଚ୍ଏଆଇ ସେତୁର ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି। ବିଭାଗ ସହିତ କଥାବାର୍ତ୍ତା କରାଯାଇ ଜମୁଥିବା ଜଳ ନିଷ୍କାସନ ବ୍ୟବସ୍ଥା କରାଯିବ। ଆବଶ୍ୟକ ମରାମତି ଲାଗି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯିବ। ଖୁବ୍‌ଶୀଘ୍ର ସମସ୍ୟା ସମାଧାନ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

## ବ୍ରାଉନସୁଗାର ବେପାରୀଙ୍କୁ ରିମାଣ୍ଡରେ ଆଣିଲା ପୋଲିସ

**ବାଲେଶ୍ୱର ଅଫିସ, ୨୨।୬**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ବାଲେଶ୍ୱର-ଫୁଲାଡ଼ି ରାସ୍ତାର ଦହପଡ଼ାସ୍ଥିତ ପଚାଛକଠାରେ ୪ଜଣ ଯୁବକ ଗୋଟିଏ କାର୍‌ରେ ୧କେଜି ୬୫୫ଗ୍ରାମ୍ ବ୍ରାଉନ୍‌ସୁଗାର ନେଇଯାଉଥିବାବେଳେ ପୋଲିସ ହାତରେ ଧରାପଡ଼ିଥିଲେ। ସେମାନେ ହେଲେ ସହଦେବଖୁଣ୍ଟା ଥାନା ଅରଡ଼ବଜାରର ସେକ୍ ରାଜୁ, ସେକ୍ ହୁସେନ୍, ସେକ୍ ଜମସେଦ୍ ଅଲ୍ଲୀ ଓ ଜଳେଶ୍ୱର ଥାନା ରାଜପୁର ଅଞ୍ଚଳର ଶେକ ମକସେଦ୍। ଅଭିଯୁକ୍ତଙ୍କୁ ଅଧିକ ପଚରାଉଚୁରା କରିବାକୁ ପୋଲିସ ଶନିବାର ୫ଦିନିଆ ରିମାଣ୍ଡରେ ଆଣିଛି। ସମସ୍ତେ ମାଛ ବ୍ୟବସାୟ କରନ୍ତି। ସେମାନଙ୍କର ବ୍ୟବସାୟ ବାଲେଶ୍ୱରରୁ ପଶ୍ଚିମବଙ୍ଗ ଏବଂ ବାଂଲାଦେଶ ପର୍ଯ୍ୟନ୍ତ ମଧ ଚାଲିଛି। ବ୍ରାଉନ୍‌ସୁଗାର ଜବତ ହେବା ପରେ ସେମାନଙ୍କ କାରବାର ବିଦେଶକୁ ଲମ୍ବି ଥାଇପାରେ ବୋଲି ପୋଲିସ ଅନୁମାନ କରୁଛି। ପଚରାଉଚୁରା ପରେ ଏ ସଂକ୍ରାନ୍ତ ଅଧିକ ତଥ୍ୟ ପଦାକୁ ଆସିବ ବୋଲି ପୋଲିସ କହିଛି।

■ସମଗ୍ର ଶିକ୍ଷା ସମୀକ୍ଷା

## ୨୬ ସ୍କୁଲର ଉନ୍ନତି ପାଇଁ ପାରାମିଟର ପ୍ରସ୍ତୁତ



ସମୀକ୍ଷା ବୈଠକରେ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୨୨।୬**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଶୁକ୍ରବର ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଛି। କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ଯୋଗଦେଇ କହିଲେ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଜିଲାର ୨୬ ସ୍କୁଲର ଉନ୍ନତି ପାଇଁ ପାରାମିଟର ପ୍ରସ୍ତୁତ କରାଯାଇଛି। ସମ୍ପୃକ୍ତ ସ୍କୁଲଗୁଡ଼ିକରେ ପାନୀୟଜଳ, ବିଦ୍ୟୁତ୍ ଯୋଗାଣ, ସ୍ୱତନ୍ତ୍ର ପାଇଖାନା ବ୍ୟବସ୍ଥା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବାର୍ଷିକ ପରୀକ୍ଷା, ପୋଷାକ ବିତରଣ, ବିଦ୍ୟାଳୟ ମିଶ୍ରଣ ଉପରେ ଆଲୋଚନା କରାଯାଇଥିଲା। ଶିକ୍ଷାକ୍ଷେତ୍ରରେ ଜିଲାକୁ ରାଜ୍ୟରେ ଅଗ୍ରଣୀ କରିବାକୁ ଜିଲାପାଳ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

ବୈଠକରେ ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଉପଯୁକ୍ତ ସମୟରେ କାର୍ଯ୍ୟ ସମ୍ପାଦନ କରିବାକୁ ଡିଇଓ ସୁଧାନନ୍ଦ ପରିଡ଼ା ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ପିଡି ଡିଆରଡିଏ ନରୋତ୍ତମ ବେହେରା, ଜିଲା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀଯନ୍ତ୍ରୀ ବିଜୟାନନ୍ଦ ସାହୁ, ବିଭିନ୍ନ ବ୍ଲକର ଶିକ୍ଷାଧିକାରୀ, ସାଥ୍ କାର୍ଯ୍ୟକ୍ରମର ରାଜ୍ୟସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨ ଚୋରା ମଦ ବେପାରୀ ଗିରଫ

**ରୂପ୍‌ସା, ୨୨।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସିଂଲା ଥାନା ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଗୁରୁବାର ରାତିରେ ଅତର୍କିତ ଭାବେ ଚଢ଼ାଉ କରାଯାଇଛି। ବସ୍ତା ଉପ-ନିରୀକ୍ଷକ ଆମ୍ପା ମାରାଣ୍ଡି ସଦଳବଳ ଚଢ଼ାଉ କରି ଲଙ୍ଗଳେଶ୍ୱରର ଦୁର୍ଗା ମାରାଣ୍ଡି ଓ ବାୟା ଗ୍ରାମର ସଞ୍ଜୟ ଜେନାଙ୍କୁ ଗିରଫ କରିଛନ୍ତି। ସେମାନଙ୍କଠାରୁ ୫୪ଲିଟର ଦେଶୀ ରନ୍ଧାମଦ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ୨ଟି ମାମଲା (ନଂ. ୩୫/୧୯ ଓ ୩୬/୧୯) ରୁଜୁ ହୋଇ ସେମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଦୀର୍ଘଦିନ ଧରି ସେମାନେ ବେଆଇନ ଭାବେ ଚୋରାରେ ମଦ ବ୍ୟବସାୟ ଚଳାଇ ଆସୁଥିଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା।

## ୩ ଆସନ ପରାଜୟର ସମୀକ୍ଷା କଲା ଭାଜପା

**ବାଙ୍ଗିରିପୋଷି,୨୨।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଖଇରୀ ରିସୋର୍ଟ ଠାରେ ଶନିବାର ଭାଜପା ପକ୍ଷରୁ ଗତ ନିର୍ବାଚନ ଫଳାଫଳ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର୍ ଏଥିରେ ଯୋଗ ଦେଇଥିଲେ। ନିର୍ବାଚନରେ ମୟୂରଭଞ୍ଜ ଜିଲାର ୯ ବିଧାନସଭା ଆସନ ମଧ୍ୟରୁ ୬ ଆସନ ଏବଂ ଲୋକ ସଭା ଆସନକୁ ଭାଜପା ଅକ୍ତିଆର କରିଥିଲା । ତେବେ ପରାଜିତ ହୋଇଥିବା ୩ଟି ଆସନରେ କେଉଁଠି ତ୍ରୁଟି ରହିଲା, ତାହାର ତାହାର ତର୍ଜମା କରାଯାଇଥିଲା । ସମୀକ୍ଷା ବୈଠକରେ ଏମପି ବିଶେଶ୍ୱର ଟୁଡୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ରାଇରଙ୍ଗପୁର ବିଧାୟକ ନବଚରଣ ମାଝି, ସାରସକଣା ବିଧାୟକ ଡା. ବୁଢାନ ମୁର୍ମୁ, ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢେଇ , ଜିଲା ପରିଷଦ ଅଧକ୍ଷା ସୁଜାତା ମୁର୍ମୁ, ଜିଲା ସଭାପତି (ପୂର୍ବ) ଡା. କୃଷ୍ଣଚନ୍ଦ୍ର ମହାପାତ୍ର, ଜିଲା ସଭାପତି (ପଶ୍ଚିମ) ନବୀନ ରାମ, ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

## ଫଟୋରେ ଖବର



'ଫନୀ' ବାତ୍ୟା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଢେଙ୍କାନାଳ ଜିଲା ପ୍ରଶାସନ ପକ୍ଷରୁ ୪୦.୨୯ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଜିଲାପାଳ ନିଖିଲ ପଓ୍ୱନ କଲ୍ୟାଣ ସହାୟତା ସମ୍ବଳିତ ଚେକ୍‌କୁ ଭୁବନେଶ୍ୱରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରୁଛନ୍ତି।

## ଚତୁର୍ଦ୍ଦଶ ସ୍ଥାନରେ ରାଜଲକ୍ଷ୍ମୀ, ଐଶ୍ୱର୍ଯ୍ୟା



ରାଜଲକ୍ଷ୍ମୀ ଏବଂ ଐଶ୍ୱର୍ଯ୍ୟାଙ୍କୁ ମିଷ୍ଟାନ୍ନ ଖୁଆଇ ଖୁସି ମନାଉଛନ୍ତି କଲେଜ ଅଧକ୍ଷ ଏବଂ ଅଧାପିକା।

**ଢେଙ୍କାନାଳ ଅଫିସ, ୨୨।୬**

ଢେଙ୍କାନାଳ ଜୁନିୟର କଲେଜର କଳା ବିଭାଗ ଛାତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଏବଂ ବାଣିଜ୍ୟ ଛାତ୍ରୀ ଐଶ୍ୱର୍ଯ୍ୟା ସାହୁ କଲେଜ ଟପ୍ପର ହୋଇ ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ଉଭୟେ ରାଜ୍ୟସ୍ତରରେ ଚତୁର୍ଦ୍ଦଶ ସ୍ଥାନ ହାସଲ କରିଛନ୍ତି। ରାଜଲକ୍ଷ୍ମୀ ୬୦୦ରୁ ୫୨୨ ଏବଂ ଐଶ୍ୱର୍ଯ୍ୟା ୬୦୦ରୁ ୫୪୧ ମାର୍କ ରଖିଛନ୍ତି।

କଲେଜ ଅଧକ୍ଷ ଡ. ଚତୁର୍ଭୁଜ ପତି, ବାଣିଜ୍ୟ ବିଭାଗ ଅଧାପିକା ସୁମିତ୍ରା ବେହେରା ଉଭୟଙ୍କୁ ସମ୍ବର୍ଦ୍ଧନା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ଅବସରରେ ମିଷ୍ଟାନ୍ନ ବଣ୍ଟନ କରି କଲେଜରେ ଖୁସି ମନାଇଥିଲେ ସଭିଏଁ।

# ଯୋଗାଭ୍ୟାସ ମାନସିକ ସ୍ଥିରତା ଆଣେ

**ଭୁବନ/ କାମାକ୍ଷାନଗର / ସାତମାଇଲ/ ପରଜଙ୍ଗ, ୨୨।୬ (ଡି.ଏନ.ଏ.)**



ଭୁବନ ମହିଳା କଲେଜ।

ଢେଙ୍କାନାଳ ଜିଲା ଭୁବନ ମହିଳା କଲେଜରେ ଏନ୍‌ସିସି ପକ୍ଷରୁ ଆୟୋଜିତ ଯୋଗଶିବିରକୁ ଅଧକ୍ଷ ଦିଲୀପ ଦାସ ଉଦ୍‌ଘାଟନ କରିଥିଲେ। ସୁସ୍ଥ ସମାଜ ଗଠନରେ ଯୋଗ, ପ୍ରାଣାୟମ ଜରୁରୀ ବୋଲି ସେ କହିଥିଲେ। ଯୋଗଗୁରୁ ଜଗବନ୍ଧୁ ବିହାରୀଙ୍କ ତତ୍ତ୍ୱାବଧାନରେ କଲେଜର ସମସ୍ତ ଛାତ୍ରୀଛାତ୍ର ଯୋଗାଭ୍ୟାସ କରିଥିଲେ। ଏନ୍‌ସିସି ଅଫିସର ପ୍ରମିଳା ଦାସ, ଅଧାପିକା ଅନୁପମା ମିଶ୍ର, ସୁପ୍ତିମୟୀ ସେନ, ଅଧାପକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କାମାକ୍ଷାନଗର ସାରଙ୍ଗଧର ଉଚ୍ଚ ବିଦ୍ୟାଳୟରେ ଏନ୍‌ସିସି ଅଧିକାରୀ ଦିଲୀପ ସାହୁଙ୍କ ତତ୍ତ୍ୱାବଧାନରେ ଯୋଗଦିବସ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ଅଧକ୍ଷ ଅରବିନ୍ଦକାନ୍ତ ରାୟ, ସମ୍ମାନିତ ଅତିଥି ୧୨ ଓଡ଼ିଶା ବାଟାଲିଅନ ନାଏକ କଳାଠାକୁର, ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗଗୁରୁ ନିର୍ମଳ ସାହୁ ଯୋଗର ଆବଶ୍ୟକତା ସମ୍ପର୍କରେ ବହୁମୂଲ୍ୟ ପରାମର୍ଶ ଦେଇଥିଲେ। ଦୁର୍ଯ୍ୟୋଧନ ସାହୁ, ଧ୍ରୁବଚରଣ ସୁନ୍ଦରାୟ, ଅଭିଷେକ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ଗୌରଚନ୍ଦ୍ର ନନ୍ଦ, କୁସିଆସ୍ଥିତ ମହିମା ପୀଠରେ ବ୍ୟାଙ୍କ ଅଧିକାରୀ ତଥା ଯୋଗଗୁରୁ ରବିନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯୋଗ ଶିବିରରେ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ।

ହିନ୍ଦୋଳ ହାଇସ୍କୁଲ ପରିସରରେ ୧୨ ବାଟାଲିଅନ ଏନ୍‌ସିସି ପକ୍ଷରୁ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ହିନ୍ଦୋଳ କଲେଜ ଏନ୍‌ସିସି ଅଧିକାରୀ ଲିଫ୍ଟେନାଣ୍ଟ କିଶୋର କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ୩୦, ଉଚ୍ଚବିଦ୍ୟାଳୟର ୪୫, ବାଳିକା ଉଚ୍ଚବିଦ୍ୟାଳୟର ୪୫ କ୍ୟାଡେଟ୍ ଯୋଗାଭ୍ୟାସ କରିଥିଲେ। ଏଥିସହ ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ମଧ ହୋଇଥିଲା। ଯୋଗଗୁରୁ ପ୍ରାଣବନ୍ଧୁ ସାହୁ, ସୁମନ୍ତ ପାଣି ଯୋଗାସନର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରା ନଗର ପରିକ୍ରମା କରିଥିଲା। ସେହିପରି ଖଜୁରିଆକଟା ସରସ୍ୱତୀ ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ବିଭୂତି ସାହୁ, ପାରିକୁଳ ସରସ୍ୱତୀ ଶିଶୁମନ୍ଦିରରେ ପ୍ରଧାନ ଆଚାର୍ଯ୍ୟ ବିଜୟ ବିଶ୍ୱାଳଙ୍କ ନେତୃତ୍ୱରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା।

ପରଜଙ୍ଗ କଲେଜରେ ଅଧକ୍ଷ ପ୍ରଫେସର ସନାତନ ସାମଲଙ୍କ ନେତୃତ୍ୱରେ ବିଶ୍ୱ ଯୋଗଦିବସ ପାଳିତ ହୋଇଯାଇଛି। କ୍ରୀଡ଼ା ଅଧାପକ ରଞ୍ଜନ ଗଡ଼ନାୟକ ବିଭିନ୍ନ ଆସନ, ମୁଦ୍ରା ପ୍ରଦର୍ଶନ କରିଥିଲେ। ରେଡ୍‌କ୍ରସ୍ ଉପଦେଷ୍ଟା ପ୍ରବୋଧ କୁମାର ରଥ, ଏନ୍ଏସ୍ଏସ୍ ସଂଯୋଜକ ଅଧାପକ ପ୍ରଣବ ବେହେରା, ଅଞ୍ଜନ ମହାରଣାଙ୍କ ସମେତ କଲେଜର ବହୁ ଛାତ୍ରୀଛାତ୍ର ଏବଂ ଅଧାପିକାଅଧାପକ ଉପସ୍ଥିତ ଥିଲେ।



ଖଜୁରିଆକଟା ଶିଶୁମନ୍ଦିର।




କାମାକ୍ଷାନଗର ସାରଙ୍ଗଧର ହାଇସ୍କୁଲ।



ପରଜଙ୍ଗ କଲେଜ।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, ଓଡାପଡା-୯୪୩୭୦୯୩୮୨୨, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ- ୭୮୯୪୪୬୨୯୧୨, ବଁଅରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ଶାଳ ଗଣ୍ଡି ସହ ଭ୍ୟାନ୍ ଜବତ

ପାଟଣା,୨୨।୬(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଧନୁର୍ଜୟପୁର ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରୁ ଶନିବାର ସକାଳେ କାଠ ମାଫିଆ ମାନେ ବିରାଟ ଶାଳ ଗଛ କାଟି ଗଣ୍ଡି ଗୁଡିକୁ ଏକ ଭ୍ୟାନରେ ବୋଝେଇ କରି ନେଉଥିବାବେଳେ ପାଟଣା ବନବିଭାଗ ପହଞ୍ଚି କାଠ ବୋଝେଇ ଗାଡିକୁ ଜବତ କରିଛି। ତେବେ ବନବିଭାଗ କାଠ ମାଫିଆଙ୍କୁ ଧରିବାରେ ବିଫଳ ହୋଇଛି। ବେଆଇନ ଭାବେ କାଠ ଚୋରି କରୁଥିବା ୪/୫ଜଣ କାଠ ମାଫିଆ ବନବିଭାଗ ଗାଡି ଦେଖି କୌଶଳ କ୍ରମେ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇବାକୁ ସକ୍ଷମ ହୋଇଥିଲେ। ଜବତ ହୋଇଥିବା ୫ପିସ୍ ଶାଳ ଗଣ୍ଡିର ଆନୁମାନିକ ମୂଲ୍ୟ ୫୦ରୁ ୬୦ ହଜାର ଟଙ୍କା ହେବ ବୋଲି ବନାଞ୍ଚଳ ଅଧିକାରୀ ପବିତ୍ର ମୋହନ ନାୟକ ସୂଚନା ଦେଇଛନ୍ତି। ଏନେଇ ପାଟଣା ରେଞ୍ଜରେ (ନଂ.୩/୧୯) ଏକ ୟୁ ଡି ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

### ମେଗା ସ୍ୱାସ୍ଥ୍ୟ ଶିବିର



କେନ୍ଦୁଝର, ୨୨।୬(ଡି.ଏନ୍.ଏ./ସ୍ୱ.ପ୍ର.)- କେନ୍ଦୁଝର ରୋଟାରୀ କ୍ଲବଠାରେ ଡାକ୍ତର କରୁଣାକର ବେହେରାଙ୍କ ଜନ୍ମ ଶତବାର୍ଷିକୀ ଉପଲକ୍ଷେ ଏକ ମାଗଣା ମେଗା ସ୍ୱାସ୍ଥ୍ୟ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ସକାଳ ୮ଟାରେ ଏହି ସ୍ୱାସ୍ଥ୍ୟସେବା ଶିବିର ଆରମ୍ଭ ହୋଇଥିବାବେଳେ ବିଭିନ୍ନ ବିଭାଗରେ ରୋଗ ଚିହ୍ନଟ କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ନିପିଡ ପ୍ରୋଫାଇଲ ପରୀକ୍ଷା, ଇସିଜି, ସ୍ନାୟୁଗତ ସମସ୍ୟା, ରକ୍ତସର୍କରା, ଏମ୍ଏନ୍ଡି, ଉଚ୍ଚ ରକ୍ତଚାପ, ସ୍କିନ, ହିମୋଗ୍ଲୋବିନ ଏବଂ ଅସ୍ଥିମଜ୍ଜାଗତ ରୋଗର ଚିକିତ୍ସା କରାଯାଇ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ପ୍ରାୟ ୧୦୦ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ଏଥିରେ ଅବସରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପିସି ଦାସ ଏବଂ ଡାକ୍ତର ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁ, ଡାକ୍ତର ଶ୍ରୀକାନ୍ତ ସୋରେନ, ଡାକ୍ତର ବିଜୟ କୁମାର ରାଉତ, ଡାକ୍ତର ସଞ୍ଜିବ କୁମାର ଓତା ଉପସ୍ଥିତ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନାରେ ରୋଟାରୀ କ୍ଲବର ସଭାପତି ପ୍ରଶାନ୍ତ ସ୍ୱାଇଁ, ରୋଟାରିଆନ ସତ୍ୟଜିତ୍ ନନ୍ଦ, ଇଂ ଦେବ୍ରବତ ବେହେରା, ଇଂ ବସନ୍ତ କୁମାର ଦାନୀ, ଅଶ୍ୱିନୀ ପଟ୍ଟନାୟକ, ରାଜଲକ୍ଷ୍ମୀ ସ୍ୱାଇଁ, ବିଜୟନାଥ କାପୁର, ଶୁଭେନ୍ଦୁ କୁମାର ଚକ୍ର, ଦେବବ୍ରତ ସ୍ୱାଇଁ, ଇନରହୁଇଲ କ୍ଲବର ସଦସ୍ୟା ରୀତା କାପୁର, ସତ୍ୟ ବେହେରା, ପ୍ରଭାକର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଡକ୍ଟର ରେଡ୍ଡି କମ୍ପାନୀର ଟେକ୍ନିସିଆନ ସହଯୋଗ କରିଥିଲେ।

### ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ପ୍ରମାଣପତ୍ର



ଚମ୍ପୁଆ,୨୨।୬(ଡି.ଏନ.ଏ.)- ଚମ୍ପୁଆ ଏନ.ଏ.ସି.କୁ ସ୍ୱଚ୍ଛ ରଖିବା ସହିତ ସ୍ୱଚ୍ଛ ଓଡିଶା ଓ ସୁସ୍ଥ ଓଡିଶା ଗଠନ ନିମନ୍ତେ ଗତ ୧୦ ତାରିଖ ଦିନ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଚମ୍ପୁଆ ନଗର ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏନ.ଏ.ସି.ର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସଫେଇ କାର୍ଯ୍ୟ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯିବା ସହିତ ସଫେଇ ସମୟରେ ଅବଲମ୍ବନ କରାଯାଉଥିବା ସାବଧାନତା ତଥା ତରଳ ଓ କଠିନ ପଦାର୍ଥର ପୃଥକୀକରଣ କରାଯିବା ଉପରେ ସୂଚନା ପ୍ରଦାନ କରାଯାଇଥିଲା। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିଆଯାଇଥିବା ଏହି କାର୍ଯ୍ୟକ୍ରମ ପାଇଁ ଶନିବାର ଉକ୍ତ ନଗର ଭବନଠାରେ ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କୁ ପ୍ରମାଣ ପତ୍ର ଓ ସଫେଇ ସମ୍ବନ୍ଧୀୟ ଏକ ପୁସ୍ତକ ପ୍ରଦାନ କରିଥିଲେ। ଏଥିରେ କମ୍ୟୁନିଟି ଅର୍ଗାନାଇଜର ରଶ୍ମିତା ମହାରାଣା, ଯୁବ ସଂଯୋଜିକା ସେବତୀ ମହାକୁଡ, ଯୁନିୟର ଆସିଷ୍ଟାଣ୍ଟ ପ୍ରକାଶ ଚନ୍ଦ୍ର କୁଣ୍ଡୁ ସମେତ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ।

# ଅସୁରକ୍ଷିତ ବୈତରଣୀ ସୁରକ୍ଷାବନ୍ଧ

ଆନନ୍ଦପୁର, ୨୨।୬(ସ୍ୱ.ପ୍ର.)

- ଅବଧି ସରିଥିଲେ ବି ସରିନି ନିର୍ମାଣ କାର୍ଯ୍ୟ
- ଧୋଇଗଲାଣି ପଥର ପ୍ୟାକିଂ
- ବନ୍ୟା ଆଶଙ୍କାରେ ଅଞ୍ଚଳବାସୀ

ବନ୍ୟା ଦାଉରୁ ଆନନ୍ଦପୁର ପୌରପରିଷଦ ଏବଂ ଆନନ୍ଦପୁର ବ୍ଲକ ଅଞ୍ଚଳର ଅନେକ ସ୍ଥାନର ସୁରକ୍ଷା ଦୃଷ୍ଟିରୁ ୨୦୧୬ ମାର୍ଚ୍ଚ ୧ ତାରିଖ ଦିନ ବୈତରଣୀ ନଦୀର ବାମ ପାର୍ଶ୍ୱ ନଦୀ ବନ୍ଧକୁ ସୁଦୃଢ ଓ ପ୍ରଶସ୍ତୀକରଣ କରାଯିବା ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏଥି ନିମନ୍ତେ ଆନନ୍ଦପୁର ବ୍ରିଜଛକ ଠାରୁ ତରଭା ପର୍ଯ୍ୟନ୍ତ ବୈତରଣୀ ନଦୀ ବନ୍ଧର ପୁନଃ ନିର୍ମାଣ କାର୍ଯ୍ୟ ନିମନ୍ତେ ୧୨.୧୫ କୋଟି ଟଙ୍କାର ବ୍ୟୟ ଅଟକଳ ରଖାଯାଇଥିଲା। ଏହି ସୁରକ୍ଷା ବନ୍ଧର ନିର୍ମାଣ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ ଏକ କମ୍ପାନୀକୁ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା। ଏହି ସୁରକ୍ଷା ବନ୍ଧର ନିର୍ମାଣ କାର୍ଯ୍ୟ ୨୦୧୭ ସେପ୍ଟେମ୍ବର ମାସ ୨ ତାରିଖ ସୁଦ୍ଧା ଶେଷ କରିବା ନିମନ୍ତେ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଥିବା ଡିସପ୍ଲେ ବୋର୍ଡରେ ଲେଖାଯାଇଛି କିନ୍ତୁ ତାହା ଅଦ୍ୟାବଧି ସରିନାହିଁ। ସବୁଆଡ଼େ ମୌସୁମୀ ବର୍ଷା ଆରମ୍ଭ ହୋଇଗଲାଣି। ଲୋକେ ଏନେଇ ଭୟଭୀତ ହୋଇପଡ଼ିଛନ୍ତି।

ଅନେକ ସ୍ଥାନରେ ଅତ୍ୟନ୍ତ ନିମ୍ନ ମାନର କାର୍ଯ୍ୟ ହୋଇଥିବାରୁ ସାମାନ୍ୟ




ବୈତରଣୀ ନଦୀବନ୍ଧର ସୂଚନାଫଳକ।

ବର୍ଷାରେ ବନ୍ଧର ପଥର ପ୍ୟାକିଂ ଧୋଇଯାଇ ବନ୍ୟାସୁରକ୍ଷା ବନ୍ଧ ପ୍ରତି ବିପଦ ସୃଷ୍ଟି କରିଛି। ଆନନ୍ଦପୁର ଅଞ୍ଚଳରେ ଠିକାଦାରଙ୍କ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ସ୍ଥାନୀୟ ଜଳସମ୍ପଦ ବିଭାଗ ନିର୍ମାଣ କାର୍ଯ୍ୟକୁ ସଠିକ୍ ତଦାରଖ କର ନ ଥିବାରୁ ଏଷ୍ଟିମେଟ୍ ଅନୁଯାୟୀ କାର୍ଯ୍ୟ ହେଉନାହିଁ। ଫଳରେ ଠିକାଦାରଙ୍କ କାର୍ଯ୍ୟ ଶୈଳୀକୁ ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିରୋଧ କରିଆସୁଛନ୍ତି। ସୁରକ୍ଷାବନ୍ଧର ନିର୍ମାଣ ଅବଧି ଶେଷ ହୋଇଯାଇଥିବା ସତ୍ତ୍ୱେ ବନ୍ଧର ନିର୍ମାଣ କାର୍ଯ୍ୟ ଶେଷ ହୋଇନି। ଯେଉଁ କେତେକ ସ୍ଥାନରେ ପିଚୁ କରାଯାଇଛି ତାହା ଉଠିବାକୁ ବସିଲାଣି। ଯାହାକୁ ନେଇ ଏବେ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ସୂଚନାଯୋଗ୍ୟ ୨୦୧୭ ନଭେମ୍ବର ୭ ତାରିଖରେ ବୈତରଣୀ ନଦୀର ବାମ ପାର୍ଶ୍ୱ ଆନନ୍ଦପୁର ବ୍ରିଜ୍ ଛକ ଠାରୁ ତରଭା ପର୍ଯ୍ୟନ୍ତ ଥିବା ସୁରକ୍ଷା ବନ୍ଧର ନିର୍ମାଣ କାର୍ଯ୍ୟ ଫକୀରପୁର ଠାରେ ଚାଲିଥିବା ସମୟରେ ଗ୍ରାମବାସୀଙ୍କ ବିରୋଧର ଶିକାର ହେବାକୁ ପଡିଥିଲା। ପୁରୁଣା ବନ୍ୟା ପ୍ରତିରୋଧକ ବନ୍ଧକୁ ଓସାରିଆ କରାଯିବା ସହିତ ମେଟାଲିଂ ଓ ପିଚୁ କରାଯିବା ଓ ପ୍ୟାଚିଂ କାର୍ଯ୍ୟ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରସ୍ତାବ ଥିବାବେଳେ କାର୍ଯ୍ୟ କରୁଥିବା ଠିକାଦାର ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବନ୍ଧର ନିର୍ମାଣ କାର୍ଯ୍ୟରେ ହେଉଥିବା ଅନିୟମିତତା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ସୂଚନା ଦେଇଥିଲେ ସୁଦ୍ଧା ସେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିପାରିବେ ନାହିଁ ବୋଲି ଖୋଲାଖୋଲି ମନା କରିଦେଇଥିଲେ ବୋଲି ଫକୀରପୁର ଗ୍ରାମର ବିଭୁତୀ ଭୁଷଣ ମହାନ୍ତି ସୂଚନା ଦେଇଛନ୍ତି। ଏହି ବନ୍ଧର ସ୍ଥାନେ ସ୍ଥାନେ ମୃତ୍ତିକାକ୍ଷୟ ଯୋଗୁ ପଥର ପ୍ୟାକିଂ ସବୁ ଦୁର୍ବଳ ଅବସ୍ଥାରେ ରହିଛି। ବନ୍ୟା ସୁରକ୍ଷା ବନ୍ଧ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ କାର୍ଯ୍ୟଶୈଳୀକୁ ବିଧିବଦ୍ଧ ତଦନ୍ତ କରିବାଲାଗି ଫକୀରପୁର ଯୁବକ ସଂଘ ଦାବି କରିଛି।

# ନାଲ୍କୋ ଟ୍ରେନିଂ ସେଣ୍ଟରରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ବଣ୍ଟରପାଳ, ୨୨।୬ (ଡି.ଏନ୍.ଏ.)

ଅନୁଗୋଳ ଜିଲା ନାଲ୍କୋ ଟ୍ରେନିଂ ସେଣ୍ଟରରେ ଦୁଇ ଦିନିଆ ହାର୍ଟ ଫୁଲନେସ୍ ଇନ୍‌ସ୍ୱାୟାର ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ନାଲ୍କୋ ଇଡି ମନସା ପ୍ରସାଦ ମିଶ୍ର ଉଦ୍‌ଘଟନ କରିଥିଲେ। ଏଥିରେ ମାନବ ସମ୍ବଳ ଜିଏମ୍ ଏସ୍.ଏନ୍. ସାହୁ, ଅର୍ଥ ବିଭାଗ ଜିଏମ୍ ଏସ୍.କେ. ଦାଶ, ଜିଏମ୍ ପ୍ରୋଜେକ୍ଟ (ସ୍ମେଲଟର) ଏ.କେ. ସ୍ୱାଇଁ ଓ ଡିପିଏସ୍ ଅଧକ୍ଷ ବି.କେ. ମିଶ୍ର, ଏସ୍‌ଭିଏମ୍ ଅଧକ୍ଷ ଶତ୍ରୁଘ୍ନ ବେହେରା ଓ ଡିପିଏସ୍ ତଥା ଏସ୍‌ଭିଏମ୍ ମ୍ୟାନେଜମେଣ୍ଟ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ହାର୍ଟଫୁଲନେସ୍ ଏଜୁକେଶନ ଟ୍ରଷ୍ଟ ଦ୍ୱାରା ଏହି କର୍ମଶାଳାର ଆୟୋଜନ କରାଯାଇଥିଲା। ସମାଜରେ ମାନବିକ ମୂଲ୍ୟବୋଧ ଫେରାଇ ଆଣିବା ପାଇଁ ପ୍ରଥମ ଶ୍ରେଣୀରୁ ହିଁ ପିଲାମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ପ୍ରଦାନ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ସେଥିପାଇଁ ଶିକ୍ଷାଦାନ କରୁଥିବା ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏହି କର୍ମଶାଳା ସେମାନଙ୍କୁ ଉଚିତ ଦିଗ୍‌ଦର୍ଶନ ଦେବ ବୋଲି ମତ ପ୍ରକାଶ ପାଇଥିଲା।

# ଶିକ୍ଷା ହିଁ ସମାଧାନର ସୂତ୍ର

କେନ୍ଦୁଝର, ୨୨।୬ (ସ୍ୱ.ପ୍ର./ଡି.ଏନ.ଏ.)

ଓଡ଼ିଶାର ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଇଂ ପ୍ରେମାନନ୍ଦ ନାୟକଙ୍କ ସହ ଗଣମାଧ୍ୟମ ପ୍ରତିନିଧିଙ୍କର ଏକ ସୌଜନ୍ୟମୂଳକ ବୈଠକ ଶୁକ୍ରବାର ସନ୍ଧ୍ୟାରେ ସର୍କିଟ୍ ହାଉସ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ବୈଠକରେ କେନ୍ଦୁଝର ଜିଲାର ଉନ୍ନୟନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଦେଖାଯାଉଥିବା ସମସ୍ୟାର ସମାଧାନ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ବିଶେଷକରି ଦୁର୍ଗମ ଅଞ୍ଚଳରେ ସୋଲାର ଲାଇଟ ବ୍ୟବସ୍ଥା, ଜୁଆଙ୍ଗ ଉନ୍ନୟନ ସଂସ୍ଥା ପରିସର ବାହାରେ ଥିବା ଜୁଆଙ୍ଗ ଅଧ୍ୟୁଷିତ ଗ୍ରାମମାନଙ୍କୁ ଜୁଆଙ୍ଗ ଉନ୍ନୟନ ସଂସ୍ଥାର ପରିସର ଭିତରେ ଅନ୍ତର୍ଭୁକ୍ତ କରିବା, ଦକ୍ଷତା ବିକାଶ ପାଇଁ ସରକାରଙ୍କ କାର୍ଯ୍ୟକ୍ରମ ସହିତ ଡି.ଏମ୍.ଏଫ୍. ଆନୁକୂଲ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ତେଲକୋଇ ତଥା ଜିଲାର ଅନ୍ୟାନ୍ୟ ଅଞ୍ଚଳରେ ବିଦ୍ୟୁତ ବ୍ୟବସ୍ଥାର ଉନ୍ନତି, ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କର ଭିତ୍ତିଭୂମିର ବିକାଶ ସହିତ ଶିକ୍ଷାଦାନ ମାନର ଉନ୍ନତି ଇତ୍ୟାଦି ପ୍ରସଙ୍ଗ ଉପରେ ଗଣମାଧ୍ୟମର ପ୍ରତିନିଧିମାନେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ମନ୍ତ୍ରୀ ନାୟକ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି କହିବା ସହିତ ଶିକ୍ଷା ହିଁ ସବୁ ସମସ୍ୟାର ସମାଧାନର ସୂତ୍ର ବୋଲି କହିଥିଲେ । ଏଣୁ ଶିକ୍ଷା ଉପରେ ଗୁରୁତ୍ୱରୋପ କରିବା ସହ ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ କାର୍ଯ୍ୟକ୍ରମ କିପରି ବେଶ ଫଳପ୍ରଦ ହେବ ସେଥିପାଇଁ ସେ ନିଷ୍ଠାର ସହ ଉଦ୍ୟମ କରିବେ ବୋଲି କହିଥିଲେ। ଏତଦ୍‌ବ୍ୟତୀତ ନିଯୁକ୍ତି ଭିତ୍ତିକ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରାଯିବା ସହିତ ବୈଷୟିକ ଶିକ୍ଷାର ମାନବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ନାୟକ କହିଥିଲେ। ଏହି ବୈଠକରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ରାମରାଇ ମୁଣ୍ଡୁୟା, ଉପାଧ୍ୟକ୍ଷା ମୀନା ମାଝୀ, ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

## 'ଜୀବନ ସମ୍ପର୍କ' କର୍ମଶାଳା

କେନ୍ଦୁଝର, ୨୨।୬(ଡି.ଏନ୍.ଏ.)

କେନ୍ଦୁଝର ଜିଲାପାଳଙ୍କ କାର୍ଯ୍ୟାଳୟର ମିନି କନଫରେନ୍ସ ହଲଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓସ୍କା ତରଫରୁ ୟୁନିସେଫ ସହାୟତାରେ କାର୍ଯ୍ୟକାରୀ ହେବାକୁ ଥିବା 'ଜୀବନ ସମ୍ପର୍କ' ସମ୍ପର୍କିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ଜିଲାପାଳ ଆଶିଷ ଠାକ୍‌ରେ ଉଦ୍‌ଘାଟନ କରିଥିଲେ। ଏହାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ଓସ୍କାର ସମ୍ପାଦିକା ଧରିତ୍ରୀ ରାଉତ ଓ ପ୍ରକଳ୍ପ ନିର୍ଦ୍ଦେଶକ ମାନସିଂ ଦୁର୍ଗାପ୍ରସାଦ ନାୟକ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ବାଂଶପାଳ ବ୍ଲକର ଜୁଆଙ୍ଗ ଅଞ୍ଚଳରେ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଉପରେ ଆଧାରିତ ବୋଲି ଅଭିହିତ କରିଥିଲେ। ୟୁନିସେଫ ତରଫରୁ ପ୍ରିୟରଞ୍ଜନ ଦାସ ଆଗାମୀ ଦିନରେ କିପରି ଜୀବନସମ୍ପର୍କ କାର୍ଯ୍ୟକ୍ରମ ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଉନ୍ନତି ଦିଗରେ ସହାୟକ ହେବ ବୋଲି କହିଥିଲେ। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଡିଏମ ଡା. ସୁଧାଂଶୁ ଶେଖର ବଳ, ଏନ୍ଆର୍‌ଏଚ୍‌ଏମ୍ ଡିପିଏମ୍ ଦିଲ୍ଲୀପ ଦୁବେ ପ୍ରମୁଖ ଯୋଗଦେଇଥିଲେ।

# ଯୋଗର ଆବଶ୍ୟକତା ଉପରେ ଆଲୋକପାତ




ତାଳଚେର,୨୨।୬(ନି.ପ୍ର.)

ତାଳଚେର ଫର୍ଟିଲାଇଜର ଲିମିଟେଡ (ଟିଏଫ୍ଏଲ୍) କ୍ୟାମ୍ପସରେ ଯୋଗ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୌଥ ଉଦ୍ୟୋଗର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଟିଏଫ୍ଏଲ୍ ତରଫରୁ ଚିଫ୍ ମ୍ୟାନେଜର ହରଗୋପାଲ ଗଡି, ଆଡଭାଇଜର (କୋ-ଅର୍ଡିନେସନ) ସୁମନ୍ତ ପ୍ରଧାନ, ଡେପୁଟି ମ୍ୟାନେଜର (ସିଭିଲ) ନିଲେସ ଫୁଲଜାଲି, ଇନଚାର୍ଜ (ଏଫ୍‌ସିଆଇ) ଦେବରାଜ ପଣ୍ଡା, ଇରଫାନ ଅହମ୍ମଦଙ୍କ ସହ ସମସ୍ତ କର୍ମଚାରୀ, ଏମ୍. ଆଲାଗେସନ ଆରସିଏମ୍ (ପିଡିଆଇଏଲ) ଏଜିଏମ୍ ଏବଂ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ। ସୁନୀଲ ନେଗୀ (ପିଡିଆଇଏଲ) ଯୋଗ ପ୍ରଶିକ୍ଷକ ଭାବେ ଏଥିରେ ଯୋଗ ଦେଇଥିଲେ। ସେହିପରି ଏମ୍‌ସିଏଲ୍‌ର ଭରତପୁର କ୍ଷେତ୍ର ଦ୍ୱାରା ବ୍ରାହ୍ମଣୀ ଅଫିସର୍ସ କ୍ଲବ୍ ଠାରେ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ସୁରଭି ମହିଳା ମଣ୍ଡଳ ସଭାପତି ଅଞ୍ଜନା ମିଶ୍ର ଉଦ୍‌ଘାଟନ କରିଥିଲେ। ଭରତପୁର କ୍ଷେତ୍ରର ମହାପ୍ରବନ୍ଧକ ମୁରାରୀ ମିଶ୍ର, କ୍ଷେତ୍ରୀୟ କାର୍ମୀକ ପ୍ରବନ୍ଧକ ବିରଞ୍ଚି ଦାସ, ଉପ ମହାପ୍ରବନ୍ଧକ ଏସ୍.କେ. ସାହୁ, ମହିଳା ମଣ୍ଡଳ ସଚିବ ମିତା ଧଳ ଓ ସଭ୍ୟାମାନେ ଉପସ୍ଥିତ ଥିଲେ। ସୁସ୍ଥ ଶରୀର ପାଇଁ ଯୋଗର ଆବଶ୍ୟକତା ଉପରେ ପ୍ରଶିକ୍ଷକ ରୋଜାଲିନ୍ ତ୍ରିପାଠୀ ଆଲୋକପାତ କରିଥିଲେ।

# ଅନଶନକାରୀଙ୍କୁ ବିଧାୟକଙ୍କ ସମର୍ଥନ

ଚମ୍ପୁଆ,୨୨।୬(ଡି.ଏନ.ଏ.)

ଚମ୍ପୁଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ବଡକାଳିମାଟି ଗ୍ରାମବାସୀଙ୍କ ଦ୍ୱାରା ଚାଲିଥିବା ଅନଶନକୁ କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ସମର୍ଥନ କରିବା ସହିତ ଏ ସମସ୍ୟାକୁ ବିଧାନ ସଭାରେ ଉପସ୍ଥାପିତ କରିବାର ପ୍ରତିଶ୍ରୁତି ଦେଇଛନ୍ତି। ଖବର ଅନୁସାରେ ଶନିବାର ଷଷ୍ଠ ଦିନରେ ଅନଶନ ପହଞ୍ଚିଥିବା ବେଳେ ଭାଜପା ପକ୍ଷରୁ ଏହାକୁ ସମର୍ଥନ ପ୍ରଦାନ କରାଯିବା ସହିତ ଆନ୍ଦୋଳନକୁ ହକ୍ ନ ମିଳିବା ପର୍ଯ୍ୟନ୍ତ ଚାଲୁ ରଖିବାକୁ ପରାମର୍ଶ ମିଳିଛି। କମ୍ପାନୀ ଦ୍ୱାରା ପ୍ରତାରିତ ଓ ପ୍ରଶାସନର ଅଣଦେଖାର ଶିକାର ବଡକାଳୀମାଟିବାସୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦଳ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯିବା ସହ ଆବଶ୍ୟକ ପଡିଲେ ଆନ୍ଦୋଳନକୁ ଦଳ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଶନିବାର ୧୨ଟା ସମୟରେ ଜିଲା ସଭାପତି ରାଧାକାନ୍ତ



ଅନଶନକାରୀଙ୍କ ସହ ବିଧାୟକଙ୍କ ଆଲୋଚନା।

ମହାନ୍ତ, ବିଧାୟକ ମୋହନ ଚରଣ ମାଝୀ, ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ବିରଜା ମିଶ୍ର, ରମେଶ ପ୍ରଧାନ, ରାଜେଶ ଆଚାର୍ଯ୍ୟ, ଯୁବ ନେତା ଆନିଧ ବେହେରା ସମତେ ବହୁ ବିଜେପି ନେତୃ ମଣ୍ଡଳୀ ଅନଶନକାରୀଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଅନଶନକାରୀମାନେ କିପରି ପ୍ରଶାସନର ବିରୋଧର ଶିକାର ହୋଇଥିଲେ ସେ ସମ୍ବନ୍ଧରେ ସୂଚନା ଦେବା ପରେ ବିଧାୟକ ଭାରପ୍ରାପ୍ତ ଉପଜିଲାପାଳ ଆଲୋକ କୁମାର ପଟେଲଙ୍କ ସହ ଆଲୋଚନା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାଙ୍କ ସହ ଦେଖା ନ ହେବା ଓ ସେଲ୍‌ଫୋନ ବନ୍ଦ ଥିବା ଯୋଗୁ କ୍ଷୋଭ ପ୍ରକାଶ କରିଥିଲେ। ସୂଚନା ଯୋଗ୍ୟ କି ଅନଶନକାରୀମାନେ ଏବେ ଚିକିତ୍ସା ପାଇଁ ମଧ୍ୟ ମନା କରି ଦେଇଥିବାରୁ ପ୍ରଶାସନର ଅଡୁଆ ବଢି ଚାଲିଛି।

## ୫ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଆର୍‌ସିସି ଓ ଏବିଇଓଙ୍କ ବଦଳି

ହାଟଡିହୀ, ୨୨।୬ (ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକରୁ ୫ଜଣ କାର୍ଯ୍ୟ ନିର୍ବାହୀ ଅଧିକାରୀ ବଦଳି ହୋଇଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ତାମଣୀ ଦାସ ଓ ବିଶ୍ୱନାଥ ବଦ୍ରା ଆନନ୍ଦପୁର, ରମେଶ ଚନ୍ଦ୍ର ମାଝୀ ଓ ଚନ୍ଦ୍ର ଶେଖର ସୋରେନ ବାଆଁଶପାଳ, ବ୍ୟାସଦେବ ନାୟକ ପାଟଣାକୁ ବଦଳି ହୋଇଛନ୍ତି। ସେହିପରି ଘସିପୁରାରୁ ଦିଲୀପ କୁମାର ମାଝୀ, ଚିତ୍ତରଞ୍ଜନ ଧିର, ରଶ୍ମିରଞ୍ଜନ ମହାରଣା ଓ କେନ୍ଦୁଝରରୁ ରାଜେନ୍ଦ୍ର କୁମାର ଦିଘି ପ୍ରମୁଖ ୪ଜଣଙ୍କର ହାଟଡିହୀକୁ ବଦଳି ହୋଇଛି।

## ଟିକିରା ଗ୍ରୀଡ୍‌ରୁ ପାଟଣା ସବ୍ ଷ୍ଟେଶନ ବିଦ୍ୟୁତ୍ ସଂଯୋଗ ଦାବି

# ୨୭ରେ ପାଟଣା ବନ୍ଦ

କେନ୍ଦୁଝର, ୨୨।୬(ସ୍ୱ.ପ୍ର.)

ପାଟଣା ଅଞ୍ଚଳରେ ବିଦ୍ୟୁତ ସମସ୍ୟା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗୁଥିବାରୁ ଅସନ୍ତୋଷ ଲାଗିରହୁଛି । ଅନେକ ସମୟରେ ବିଦ୍ୟୁତ ରହୁ ନ ଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଏହାର ସମାଧାନ ପାଇଁ ପ୍ରଥମେ ପାଟଣା ବିକାଶ ମଞ୍ଚ ପକ୍ଷରୁ ୨୦୧୭ ମସିହା ମେ ୨୭ ତାରିଖରେ ବନ୍ଦ ଡାକରା ଦିଆଯାଇଥିଲା। ବିଦ୍ୟୁତ ବିଭାଗ ପକ୍ଷରୁ ଆଲୋଚନା କରି ୪ ମାସ ମଧ୍ୟରେ ବିଦ୍ୟୁତ ସଂଯୋଗ କରି ସମସ୍ୟା ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଦୁଇ ଥର ପ୍ରତିଶ୍ରୁତି ଦିଆଯାଇଥିଲେ ହେଁ ତାହା ପୂରା ହୋଇନାହିଁ। ତେବେ ପାଖାପାଖି ବର୍ଷେ ବିତିଯାଇଥିଲେ ହେଁ ଏହାର ସମାଧାନ ନ ହେବାରୁ ପାଟଣାବାସୀଙ୍କ ପକ୍ଷରୁ ୨୭ ତାରିଖ ଠାରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ମଞ୍ଚର ଆବାହକ ଅଭିନାଶ ଦାସ ଜିଲା ଓ ବିଦ୍ୟୁତ ପ୍ରଶାସନର ଅଧିକାରୀଙ୍କୁ ଏକ ଦାବିପତ୍ର ଶୁକ୍ରବାର ପ୍ରଦାନ କରିଛନ୍ତି। ଏହାର କପି ଜିଲାପାଳ, ପାଟଣା ବିଧାୟକ, ନେସ୍କୋ ଅଧୀକ୍ଷଣ ଯନ୍ତ୍ରୀ ସମେତ ଅନ୍ୟ ଅଧିକାରୀଙ୍କୁ ମଧ୍ୟ ଦିଆଯାଇଛି। ବାରମ୍ବାର ଅଭିଯୋଗ କଲେ ମଧ୍ୟ ସମାଧାନ ହେଉ ନ ଥିବାରୁ ଆନ୍ଦୋଳନ ବେଳେ କୌଣସି ଅପ୍ରୀତିକର ପରିସ୍ଥିତି ଉପୁଜିଲେ ପ୍ରଶାସନ ଦାୟୀ ରହିବେ ବୋଲି ପାଟଣା ବିକାଶ ମଞ୍ଚ ପକ୍ଷରୁ ଚେତାବନୀ ଦିଆଯାଇଛି ।

# କିଡ୍‌କୋ ରାସ୍ତାରେ ଟ୍ରାଫିକ ସମସ୍ୟା

କେନ୍ଦୁଝର, ୨୨।୬ (ସ୍ୱ.ପ୍ର.)

କେନ୍ଦୁଝର ସଦର ବ୍ଲକ ପଳାଶପଙ୍ଗା ଠାରୁ ଯୋଡା ଖଣି ଅଞ୍ଚଳକୁ ସଂଯୋଗ କରିଥିବା କିଡ୍‌କୋ ରାସ୍ତାରେ ଲୁହାପଥର ପରିବହନ ଯୋଗୁଁ ରାସ୍ତାରେ ଟ୍ରାଫିକ ସମସ୍ୟା ଦେଖାଦେବା ସହ ରାସ୍ତାରେ ଜାମ ଯୋଗୁଁ ଜନ ଅସନ୍ତୋଷ ବଢୁଛି। ଏହି କାରଣରୁ ଏନଏଚ ୨୦କୁ ସଂଯୋଗ କରୁଥିବା ଏହି ରାସ୍ତାର ସ୍ୱଞ୍ଜି ଛକ ଠାରେ ଟ୍ରାଫିକ ସମସ୍ୟା ଅନେକ ସମୟରେ ଗୁରୁତର ହୋଇପଡୁଛି । ଫଳରେ ଟ୍ରାଫିକ ନିୟନ୍ତ୍ରଣ କରିବାକୁ ପୋଲିସ ନୟାନ୍ତ ହୋଇପଡୁଛି । କିଡକୋ ରାସ୍ତାରେ ଏକକ ଏବଂ ମାନୁଆଲ ଟୋଲ ଆଦାୟ ବ୍ୟବସ୍ଥା, ବିପର୍ଯ୍ୟସ୍ତ ରାସ୍ତା ଯୋଗୁଁ ଏଭଳି ସମସ୍ୟା ଦେଖାଦେଉଥିବା ଅଭିଯୋଗ ହେଉଛି । ଏଭଳି ଜାମ ନିୟନ୍ତ୍ରଣ ପାଇଁ ଅନେକ ସମୟରେ ଖାଲି ଟ୍ରକ ସବୁକୁ




କିଡ୍‌କୋ ରାସ୍ତାରେ ଯାଉଥିବା ଲୁହାପଥର ଟ୍ରକ।

ଉକ୍ତ ରାସ୍ତା ଦେଇ ନ ଛାଡି ଏନଏଚ ୨୦ ଦେଇ ଖଣି ଅଞ୍ଚଳକୁ ପଠାଉଛି। ତେବେ ଏନଏଚ ୨୦ରେ ମଧ୍ୟ ବହୁ ସଂଖ୍ୟାରେ ଖଣିଜପଥର ବୋଝେଇ ଟ୍ରକ ଚଳାଚଳ ଯୋଗୁ ଯୋଡା ଅଞ୍ଚଳରେ ଟ୍ରାଫିକ ସମସ୍ୟା ଦେଖାଦେଉଥିବାରୁ ଅସନ୍ତୋଷ ଲାଗି ରହିଛି ।

ପ୍ରକାଶ ଯେ ଯୋଡା ଖଣି ଅଞ୍ଚଳରୁ କେନ୍ଦୁଝର ଦେଇ ପାରାଦୀପକୁ ଲୁହାପଥର ପରିବହନ ହେଉଥିବାରୁ ପଳାଶପଙ୍ଗା-ବାମେବାରୀ କିଡକୋ ରାସ୍ତା ଦେଇ ଦୈନିକ ଶହ ଶହ ଲୁହାପଥର ବୋଝେଇ ଓ ଖାଲି ଟ୍ରକ ଯିବାଆସିବା କରୁଛି । କିଡକୋ ରାସ୍ତାରେ ଟୋଲ ଆଦାୟ ମାନୁଆଲ ହେଉଥିବା ବେଳେ ଯିବା ଓ ଆସିବା ପାଇଁ ପଳାଶପଙ୍ଗା ନିକଟରେ ଗୋଟିଏ ଲେଖାଏଁ ଟୋଲ ଆଦାୟ କେନ୍ଦ୍ର ରହିଛି। ଏଣୁ ଟୋଲ ଆଦାୟରେ ବିଳମ୍ବ ଘଟୁଥିବାରୁ ଟ୍ରକ ସବୁ ରାସ୍ତାରେ ଠିଆ ହୋଇ ରହୁଛି ଏବଂ ରାସ୍ତା ଜାମ ହୋଇ ଏଭଳି ସମସ୍ୟା ଉପୁଜିଛି ବୋଲି କୁହାଯାଉଛି। ଏଣୁ ଟୋଲ ଆଦାୟ ପାଇଁ କମ୍ପ୍ୟୁଟରାଇଜ ବ୍ୟବସ୍ଥା କରାଗଲେ ତୁରନ୍ତ ଆଦାୟ ହୋଇ ପାରିବ ଏବଂ ଏଭଳି ସମସ୍ୟା ଦୂର ହୋଇ ପାରିବ ବୋଲି ସ୍ଥାନୀୟ ଲୋକେ ମତବ୍ୟକ୍ତ କରୁଛନ୍ତି। ସେହିପରି ଏହି ରାସ୍ତା ଅନେକ ସ୍ଥାନରେ ଭାଙ୍ଗିଯାଇଥିବା ସହ ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ଏଣୁ ଏହାର ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବୀ ହେଉଛି।

## ସଂକ୍ଷେପରେ

### ସାମାନ୍ୟ ବର୍ଷାରେ ବିଜୁଳି ସେବା ବନ୍ଦ

**ବଇଣ୍ଡା,୨୨।୬(ଡି.ଏନ.ଏ.)-** ସାମାନ୍ୟ ବର୍ଷା ହେଲେ ଘଣ୍ଟା ଘଣ୍ଟା ଧରି ବିଜୁଳି ସେବା ବନ୍ଦ କରି ଦିଆଯାଉଛି। ଫଳରେ କିଶୋରନଗର ବ୍ଲକ ଅଙ୍ଗପଡ଼ା, ତୁରୁଡ଼ା, ଆଡ଼ିକଟା, ନତଡ଼ା, ଢଡରପାଳ ଆଦି ଗ୍ରାମର ବାସିନ୍ଦାମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ସେହିପରି ସାମାନ୍ୟ ପବନ ହେଲେ ସେହି ଅଞ୍ଚଳ ଗୁଡ଼ିକରେ ବିଦ୍ୟୁତ୍ ସଂଯୋଗ କାଟିଦିଆଯାଉଛି। ଏହି ଅଞ୍ଚଳଗୁଡ଼ିକରେ ଥିବା ବହୁ ପୁରୁଣା ବିଦ୍ୟୁତ୍ ଖୁଣ୍ଟ ଓ ତାର ବଦଳାଯାଉ ନ ଥିବା ଯୋଗୁ ଏପରି ସମସ୍ୟା ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ନେଇ ଗ୍ରାମବାସୀ ବହୁବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିପାରୁ ନାହିଁ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

### ମାରପିଟ ଅଭିଯୋଗରେ ଯୁବକ ଗିରଫ

**କଣିହାଁ, ୨୨।୬(ଡି.ଏନ.ଏ.)-** କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ସାଇଟ ଥାନା ପୋଲିସ ମାର୍‌ପିଟ ଅଭିଯୋଗରେ ବାଲିପଶି ପଞ୍ଚାୟତ ନାକଟିଦେଉଳ ଗ୍ରାମର ବିଜୁ ଦେହୁରୀଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ସରୋଜ ସାମଲଙ୍କ ସୂଚନାରୁ ଜଣାଯାଏ, ନାକିଟିଦେଉଳ ଗ୍ରାମର ୨ ପରିବାର ମଧରେ ଗଣ୍ଡଗୋଳ ହୋଇଥିଲା। ଉତ୍ୟକ୍ତ ହୋଇ ବିଜୁ ସମ୍ପର୍କୀୟ ଭାଇ ବିଶ୍ୱନାଥଙ୍କୁ ମାଡ଼ ମାରିଥିଲେ। ଏ ନେଇ ଗତ ମେ ୧ ତାରିଖରେ ବିଶ୍ୱନାଥଙ୍କ ଅଭିଯୋଗ କ୍ରମେ ନଂ. ୪୪/୧୯ରେ ମାମଲା ରୁଜୁ ହୋଇଥିଲା।

### ଖଣି କର୍ମଚାରୀଙ୍କଠାରୁ ସୁନା ଚେନ ଲୁଟ୍

**ତାଳଚେର, ୨୨।୬(ନି.ପ୍ର.)-** ତାଳଚେରରେ କାର୍ଯ୍ୟରତ ଜଣେ ଖଣି କର୍ମଚାରୀଙ୍କଠାରୁ ଶନିବାର ଦୁର୍ବୃତ୍ତମାନେ ସୁନା ଚେନ ଲୁଟି ନେଇଛନ୍ତି। ସାବିତ୍ରୀ ବେହେରା ନାମକ ଜଣେ ମହିଳା ଡ୍ୟୁଟି ସାରି ଘରକୁ ଫେରୁଥିବାବେଳେ ଲିଙ୍ଗରାଜ ରୋଡରେ ୨ ଜଣ ଲୁଟେରା ଏକ ବାଇକରେ ଆସି ତାଙ୍କ ବେକରୁ ଚେନ ଛିଣ୍ଡାଇ ନେଇ ପଳାଇଥିଲେ। ଏ ନେଇ ଅଭିଯୋଗ ପରେ କଲିୟାରୀ ପୋଲିସ ଏକ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛି।

■ 'କାଳିଆ'ରେ ୨୮ ଶହରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ

# ଆବେଦନପତ୍ର ଯାଞ୍ଚ ଉପରେ ଗୁରୁତ୍ୱ

■ ଜିଲା କୃଷି ଅଧିକାରୀଙ୍କ ସହ କଥାହେଲେ କୃଷି ସଚିବ

■ ଅଯୋଗ୍ୟଙ୍କ ଆକାଉଣ୍ଟକୁ ଟଙ୍କା ନ ଯିବା ଉପରେ ଦୃଷ୍ଟି ଦିଅ

**ଅନୁଗୋଳ ଅଫିସ, ୨୨।୬**

କାଳିଆ ଯୋଜନାରେ ଥିବା ଅଯୋଗ୍ୟଙ୍କୁ ତୁରନ୍ତ ବାଦ୍ ଦିଅ। ଯୋଗ୍ୟଙ୍କୁ ଯୋଜନାରେ ସାମିଲ କର। ଦ୍ୱିତୀୟ କିସ୍ତିରେ ଯେପରି କାଳିଆ ଟଙ୍କା ଅଯୋଗ୍ୟ ଲୋକଙ୍କ ପାଖକୁ ନ ଯାଏ ସେଥିପ୍ରତି ଦୃଷ୍ଟି ରଖିବାକୁ ଅନୁଗୋଳ ଉପ କୃଷି ନିର୍ଦ୍ଦେଶକଙ୍କ ସମେତ ଜିଲାର ଅନ୍ୟ ଅଧିକାରୀଙ୍କୁ ରାଜ୍ୟ କୃଷି ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହ ଦ୍ୱିତୀୟ କିସ୍ତି କାଳିଆ ଟଙ୍କା ପୂର୍ବରୁ ଭଲ ଭାବେ ଆବେଦନକାରୀଙ୍କ ଆବେଦନପତ୍ର ଯାଞ୍ଚ କରିବାକୁ କୃଷି ବିଭାଗ ସଚିବ ଜିଲା ଉପ କୃଷି ନିର୍ଦ୍ଦେଶକଙ୍କୁ ପରାମର୍ଶ ଦେଇଥିବା ସୂଚନା ମିଳିଛି।

ଅନୁଗୋଳ ଉପ କୃଷି ନିର୍ଦ୍ଦେଶକଙ୍କ ସହ ରାଜ୍ୟ ସରକାରଙ୍କ କୃଷି ସଚିବ ଡ. ଏମ୍ ମୁଥୁ କୁମାର ଶନିବାର ଭିଡିଓ କନଫରେନ୍ସରେ କଥା ହୋଇଥିଲେ। ଜିଲାରେ ଚାଷ କାର୍ଯ୍ୟର ସ୍ଥିତି ସମ୍ପର୍କରେ ସଚିବ ପ୍ରଥମେ ପଚାରି ବୁଝିଥିଲେ। ଚାଷୀମାନେ ଯେପରି ସାର ସମସ୍ୟାରେ ନ ପଡ଼ନ୍ତି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଜିଲା ଉପ କୃଷି ନିର୍ଦ୍ଦେଶକଙ୍କୁ ସଚିବ କହିଥିଲେ। ଜିଲାରେ ୫ ହଜାର ୩ ଶହ ଟନ୍ ସାର ବିଭିନ୍ନ ସୋସାଇଟିରେ ମହଜୁଦ ରଖି ଉଚିତ ସମୟରେ ଚାଷୀଙ୍କୁ ଯୋଗାଇବା ପାଇଁ ସଚିବ ପରାମର୍ଶ ଦେଇଥିଲେ। ପରେ କାଳିଆ ଯୋଜନା ସମ୍ପର୍କରେ ଆଲୋଚନା ହୋଇଥିଲା। କାଳିଆ ଯୋଜନାରେ ଜିଲାରେ ୨୮ଶହରୁ ଉର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ ଥିବା ସୂଚନା ଦିଆଯାଇଥିଲା। ତେଣୁ ଦ୍ୱିତୀୟ ପର୍ଯ୍ୟାୟରେ ଯେପରି ସେମାନଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ନ ଯିବ ସେଥିପାଇଁ ଦୃଷ୍ଟି ଦେବାକୁ କୁହାଯାଇଥିଲା। ଏଥିସହ ଦ୍ୱିତୀୟ ପର୍ଯ୍ୟାୟରେ କାଳିଆ ଯୋଜନାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଯାଞ୍ଚ କରି ସାମିଲ କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ। ଏପରି କି ଆବେଦନକାରୀଙ୍କ ବ୍ୟାଙ୍କ ଖାତା ଓ ଆଧାରକାର୍ଡରେ ତ୍ରୁଟି ଥିଲେ ଏହାକୁ ସଂଶୋଧନ କରିବାକୁ ରାଜ୍ୟ କୃଷି ବିଭାଗ ପକ୍ଷରୁ କୁହାଯାଇଥିଲା। ଅନ୍ୟପକ୍ଷରେ କାଳିଆ ଯୋଜନାରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କ ଟଙ୍କା ଫେରସ୍ତ ନେଇ କୌଣସି ସୂଚନା ରାଜ୍ୟ କୃଷି ବିଭାଗ ପକ୍ଷରୁ ଦିଆଯାଇ ନ ଥିବା ଏହି ଆଲୋଚନାରୁ ଜଣାପଡ଼ିଛି। ସେହିପରି ଗୋଟିଏ ପରିବାର ଏକାଧିକ ଲୋକ ସାମିଲ ହୋଇଥିଲେ ଜଣଙ୍କୁ ବାଦ ଦେଇ ଅନ୍ୟ ସମସ୍ତଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ସଚିବ ଏମ୍ ମୁଥୁ କୁମାର ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳ ଜିଲା ଉପ କୃଷି ନିର୍ଦ୍ଦେଶକ ବିଜୟ ମହାପାତ୍ରଙ୍କ ସହ ଜିଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଏହି ଆଲୋଚନା ବେଳେ ଉପସ୍ଥିତ ଥିଲେ।




■ ଗୀତିନାଟ୍ୟରୁ ଦଣ୍ଡନୃତ୍ୟ ଯାଏ

## ଚରିତ୍ରରେ ଚମକ ଭରିଛନ୍ତି ଅକ୍ଷୟ

**(ଉପେନ୍ଦ୍ର ରାଉତ)**
**ବଅଁରପାଳ,୨୨।୬**



କେବେ ବ୍ରହ୍ମା ତ କେବେ ବିଷ୍ଣୁ, ପୁଣି କେବେ ମହେଶ୍ୱର ବେଶରେ ଆସିଛନ୍ତି ଦର୍ଶକଙ୍କ ଆଗକୁ। କେତେବେଳେ ରାଜା, ମନ୍ତ୍ରୀ ସାଜିଛନ୍ତି ଗୀତିନାଟ୍ୟରେ। ବାଇଧନ, ଶିବ, ବିଶାକାରିଆ ଓ ବାବାଜୀ ଭୂମିକା ନିଭାଇଛନ୍ତି ଦଣ୍ଡନୃତ୍ୟରେ। ଦୀର୍ଘ ୩୦ ବର୍ଷ ମଧରେ ଏପରି ଶତାଧିକ ଚରିତ୍ରରେ ଅଭିନୟ କରି ନିଜ ଚମକ ଦେଖାଇଛନ୍ତି ବଅଁରପାଳ ବ୍ଲକ କୁଲାଡ଼ ଗ୍ରାମର ଅକ୍ଷୟ ଜେନା (୫୨)।

ନାଲ୍‌କୋ ସ୍ମେଲଟର ପ୍ଲାଣ୍ଟର କାର୍ବନ ଏରିଆ ଗ୍ରୀନ ଆନର୍ଡର ସୁପରିଣ୍ଟେଣ୍ଡେଣ୍ଟ ଭାବେ କାମ କରୁଥିବା ଅକ୍ଷୟଙ୍କ କଳାକାର ଜୀବନ ଆରମ୍ଭ ହୋଇଥିଲା ସ୍କୁଲରୁ। ସପ୍ତମରେ ପଢ଼ୁଥିବାବେଳେ କଳା ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା। ସ୍କୁଲସ୍ତରୀୟ ଅନେକ ଗୀତିନାଟ୍ୟ ଓ ଡ୍ରାମାରେ ସେ ଅଭିନୟ କରିଥିଲେ।



କୃଷ୍ଣ ବେଶରେ ଅକ୍ଷୟ ଜେନା।

ହେଲେ ଅସଲ କଳାକାର ଜୀବନ ଆରମ୍ଭ ହୋଇଥିଲା ୧୯୯୦ରୁ। କୁଲାଡ଼ ମା' କାଳୀ ଦଣ୍ଡ ଅନୁଷ୍ଠାନରେ ସେ ସାମିଲ ହୋଇ ଗୀତିନାଟ୍ୟରେ ଅଭିନୟ କରିଥିଲେ। କେତେବେଳେ ତାଙ୍କୁ ଶ୍ରୀକୃଷ୍ଣଙ୍କ ବେଶ ଧାରଣ କରିବାକୁ ପଡୁଥିଲା ତ ପୁଣି କେବେ ଯୁଧିଷ୍ଠିର, ଅର୍ଜୁନ ହେବାକୁ ପଡୁଥିଲା। ଦାରୁଦେବତା, ଭୂତକିଳି, ନାବକେଳି, ଗଣ୍ଡାବଧ, ଜୟଦ୍ରଥ ବଧ, କୀଚକ ବଧ, ଲକ୍ଷ୍ମୀପୁରାଣ ଆଦି ଶତାଧିକ ଗୀତିନାଟ୍ୟରେ ସେ ଅଭିନୟ କରିଛନ୍ତି। ଅନୁଷ୍ଠାନର କଳାକାରମାନଙ୍କ ସହ ସେ ଗାଁ ଗାଁ ବୁଲି ନାଟକ ପରିବେଷଣ କରିଛନ୍ତି। ସେ ଯେଉଁ ଚରିତ୍ରରେ ଅଭିନୟ କରନ୍ତି ତାଙ୍କୁ ତାହା ବେଶ୍ ମାନିଥାଏ। ସେଥିପାଇଁ ଅନୁଷ୍ଠାନର ସବୁ ଗୀତିନାଟ୍ୟ, ନାଟକରେ ତାଙ୍କ ଅଭିନୟକୁ ପ୍ରଶଂସା ମିଳେ। ଦିନରେ ପ୍ଲାଣ୍ଟରେ କାର୍ଯ୍ୟ କରିବା ପରେ ରାତିରେ ମୁହଁରେ ରଙ୍ଗମାରି ସେ କଳା ପ୍ରଦର୍ଶନ କରିଥାନ୍ତି। ଗୀତିନାଟ୍ୟ ବ୍ୟତୀତ ଦଣ୍ଡନୃତ୍ୟରେ ମଧ ସେ ଅଭିନୟ କରିଛନ୍ତି। ଏବେ ବୟସ ସହ ଅଭିଜ୍ଞତା ବଢ଼ିଯାଇଥିବାରୁ ତାଙ୍କୁ କଳାକାର ବଦଳରେ ଅନେକ ସମୟରେ ଦଣ୍ଡନୃତ୍ୟ ପ୍ରତିଯୋଗିତାର ବିଚାରକ ଭାବେ ଦେଖିବାକୁ ମିଳୁଛି। ଇତିମଧରେ ୩୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗିତାରେ ସେ ବିଚାରକ କାର୍ଯ୍ୟ ତୁଲାଇ ସାରିଛନ୍ତି। ଦଣ୍ଡଗୁରୁ ଅଜାତି ଅମାନ୍ତ ଓ ଗୀତିନାଟ୍ୟ ଗୁରୁ ରାଧାନାଥ ଧୀରଙ୍କ ପାଇଁ ସେ ଆଜି ସ୍ଥାନୀୟ ଅଞ୍ଚଳରେ ଜଣେ ଦକ୍ଷ କଳାକାର ଭାବେ ନିଜକୁ ପରିଚିତ କରିପାରିଛନ୍ତି ବୋଲି ଅକ୍ଷୟ ପ୍ରକାଶ କରିଛନ୍ତି।

## ହୋଣ୍ଡା ଆକ୍ଟିଭା ୫ଜି, ସାଇନ୍ ଲିମିଟେଡ୍ ଏଡିସନ୍‌ର ବଜାର ପ୍ରବେଶ



**ଅନୁଗୋଳ ଅଫିସ, ୨୨।୬**

ହୋଣ୍ଡା ମୋଟର ସାଇକେଲ ଓ ସ୍କୁଟର ଇଣ୍ଡିଆର ଅନୁଗୋଳସ୍ଥିତ ଅଧୀକୃତ ବିକ୍ରେତା ଲକ୍ଷ୍ମୀ ହୋଣ୍ଡା ଠାରେ ହୋଣ୍ଡା ଆକ୍ଟିଭା ୫ଜି ଓ ୧୨୫ ସିସି ହୋଣ୍ଡା ସାଇନ୍ ଲିମିଟେଡ୍ ଏଡିସନ୍‌ର ବଜାର ପ୍ରବେଶ ହୋଇଛି। କମ୍ପାନୀର ଜୋନାଲ ମ୍ୟାନେଜର (ସେଲ୍ସ) ଅଜିତ ପଣ୍ଡା ଓ ଏରିଆ ଇନ୍‌ଚାର୍ଜ (ସେଲ୍ସ) ଦିବ୍ୟାନନ୍ଦୁ ଭୂମିକା ଏହାର ଉନ୍ମୋଚନ କରିଥିଲେ। ଏଥିରେ ଜିଲାର ବିଭିନ୍ନ ପ୍ରାନ୍ତରୁ ଆକ୍ଟିଭା ଓ ସାଇନ୍ ଗ୍ରାହକମାନେ ଯୋଗ ଦେଇଥିଲେ। ଏହି ଉତ୍ସବରେ କମ୍ପାନୀର ପୁରାତନ ଗ୍ରାହକମାନଙ୍କୁ ସମ୍ମାନିତ କରାଯାଇଥିଲା। ଆକ୍ଟିଭା ୫ଜିର ମୂଲ୍ୟ ୫୬ ହଜାର ୯୧୪ ଟଙ୍କା ରହିଥିବା ବେଳେ ସାଇନ୍ ମୂଲ୍ୟ ୬୦ ହଜାର ୬୦୧ରୁ ଆରମ୍ଭ ହେଉଛି। ଗ୍ରାହକଙ୍କ ପାଇଁ ସ୍ୱତନ୍ତ୍ର ଫାଇନାନ୍ସ ଓ ଏକ୍ସଚେଞ୍ଜର ବ୍ୟବସ୍ଥା କରାଯାଇଛି। ସେହିଭଳି ଗ୍ରାହକମାନେ ସେମାନଙ୍କ ପୁରୁଣା ଗାଡ଼ି ବଦଳାଇ ନୂତନ ଆକ୍ଟିଭା ୫ଜି ମାତ୍ର ୨୯୯୯ ଟଙ୍କା ଡାଉନ୍ ପେମେଣ୍ଟ ଓ ହୋଣ୍ଡା ସାଇନ୍ ମାତ୍ର ୫୯୯୯ ଡାଉନ୍ ପେମେଣ୍ଟରେ ଏବଂ କମ୍ ସୁଧ ସହ ସହଜ ଋଣ ମାଧମରେ ନେଇପାରିବେ। ଏହି ଅଫର୍ ସୀମିତ ସମୟ ପାଇଁ ଉପଲବ୍ଧ। ଅଫରର ଲାଭ ଉଠାଇବାକୁ ଲକ୍ଷ୍ମୀ ହୋଣ୍ଡାର ସ୍ୱତ୍ୱାଧିକାରୀ ବିକ୍ରମ ଅଗ୍ରୱାଲ ଗ୍ରାହକମାନଙ୍କୁ ନିବେଦନ କରିଛନ୍ତି।




### କାର ଧକ୍କାରେ ୨ ଗୁରୁତର

**ବଇଣ୍ଡା,୨୨।୬(ଡି.ଏନ.ଏ.)**

ଠାକୁରଗଡ଼ ଥାନା ଆନନ୍ଦପୁରଠାରେ ଶନିବାର ଅପରାହ୍ନରେ ଏକ କାର ଧକ୍କାରେ ସେହି ଗ୍ରାମର ମିଥୁନ ଭୋଇ ଓ ଦୀପୁ ସାହୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସ୍ଥାନୀୟ ଗ୍ରାମବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ଠାକୁରଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

ଘଟଣାରୁ ଜଣାପଡ଼ିଛି, ମିଥୁନ ଓ ଦୀପୁ ରାସ୍ତାରେ ଛିଡ଼ା ହୋଇଥିବାବେଳେ ଠାକୁରଗଡ଼ରୁ ପାଇକସାହି ଅଭିମୁଖେ ଯାଉଥିବା ଏକ କାର ତାଙ୍କୁ ଧକ୍କା ଦେଇ ଘଟଣାସ୍ଥଳରୁ ପଳାଇଯାଇଥିଲା।

### ଶହୀଦଙ୍କ ବଳିଦାନ ଚିରସ୍ମରଣୀୟ

**ଛେଣ୍ଡିପଦା,୨୨।୬(ସ୍ୱ.ପ୍ର)**

ଆତଙ୍କବାଦୀ ଆକ୍ରମଣରେ ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ବଡସୁଆଁଳ ଗ୍ରାମର ଶହୀଦ ଅଜିତ କୁମାର ସାହୁଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି ଛେଣ୍ଡିପଦା ନିର୍ବାଚନ ମଣ୍ଡଳୀର ଜରପଡା ମଣ୍ଡଳ ଭାଜପା ଯୁବ ମୋର୍ଚ୍ଚା ସଭାପତି ଚିତ୍ତରଞ୍ଜନ ଦାସ। ଏହି ବଳିଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ